## ତାଳଚେର ହାଟରେ ପାନୀୟ ଜଳ ସଙ୍କଟ

# ପାଣି ମୁନ୍ଦେ ପାଇଁ ଗ୍ରାହକ ଓ ବ୍ୟବସାୟୀ ଡହକବିକଳ



**ତାଳଚେର, ୭ ।୪(ସମିସ)**

ସମଗ୍ର ତାଳଚେର ଅଞ୍ଚଳରେ ଏକମାତ୍ର ସାପ୍ତାହିକ ଶନିବାର ହାଟ ପୌର ପରିଷଦର ଅଙ୍ଗାରୁଆଠାରେ ଅବସ୍ଥିତ । ଏହି ହାଟକୁ ପ୍ରାୟ ୨୦ ହଜାରରୁ ଉର୍ଦ୍ଧ୍ୱ ବ୍ୟବସାୟୀ ଓ ଗ୍ରାହକ ଆସି ସେମାନଙ୍କର ନିତ୍ୟ ବ୍ୟବହାର୍ଯ୍ୟ ଆବଶ୍ୟକୀୟ ସମାଗ୍ରୀ କିଣାବିକା କରିଥାନ୍ତି । ଏହି ହାଟଟି ଆରଏମସି ଅଧୀନରେ ପରିଚାଳିତ ହେଉଥିବା ବେଳେ ଏହି ହାଟରୁ ସିଂହ ଭାଗ ପୌର ପରିଷଦ ହାତକୁ ଯାଉଥିବା ବେଳେ ଅବଶିଷ୍ଟ ଅର୍ଥ ଆରଏମସିକୁ ଯାଇଥାଏ । ଏପରି ସ୍ଥଳେ ତାଳଚେରର ତାପମାତ୍ରା ୪୩ ଡିଗ୍ରୀ ଉପରେ ରହିଥିବା ବେଳେ ଉକ୍ତ ସାପ୍ତାହିକ ହାଟରେ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା ନାହିଁ । ଏତେ ବଡ଼ ଜନଗହଳିପୂର୍ଣ୍ଣ ହାଟରେ ମାତ୍ର ଗୋଟିଏ ନଳକୂପ କରାଯାଇ ପ୍ରଶାସନ ଚୁପ୍ ହୋଇ ବସିରହିବା ଦୁର୍ଭାଗ୍ୟଜନକ ବିଷୟ ବୋଲି ଗ୍ରାହକମାନେ ପ୍ରକାଶ କରିଛନ୍ତି । ତେବେ ଏହି ହାଟରୁ ପୌର ପରିଷଦ ପ୍ରଚୁର ରାଜସ୍ୱ ନେଉଥିଲେ ମଧ କାହିଁକି ଯେ ଏହି ସାପ୍ତାହିକ ହାଟ ପାଇଁ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା, ଆବଶ୍ୟକ ଶୌଚାଳୟ, ବ୍ୟବସାୟୀମାନଙ୍କ ପାଇଁ ଆବଶ୍ୟକ ପିଣ୍ଡି, ହାଟ ମଧ୍ୟରେ ବୃକ୍ଷରୋପଣ, ହାଟକୁ ସଂଯୋଗ କରୁଥିବା ରାସ୍ତାର ପ୍ରଶସ୍ତିକରଣ, ହାଟରେ ଡ୍ରେନେଜ ବ୍ୟବସ୍ଥା, ବ୍ୟାପକ ଆଲୋକୀକରଣ ବ୍ୟବସ୍ଥା, ଗୋଟାଏ ଦିନ ଆଗରୁ ବାହାରୁ ଆସୁଥିବା ବ୍ୟବସାୟୀଙ୍କ ରହିବା ନିମନ୍ତେ ମାନବିକତା ଦୃଷ୍ଟି କୋଣରୁ ସ୍ୱତନ୍ତ୍ର କୋଠରୀ ନିର୍ମାଣ କରାଯିବାର ଆବଶ୍ୟକତା ରହିଥିଲେ ମଧ ଏଥିପ୍ରତି କାହିଁକି ଯେ ପୌର ପ୍ରଶାସନ ଚୁପ ହୋଇ ବସି ରହିଛି, ତାକୁ ନେଇ ଅସନ୍ତୋଷ ବୃଦ୍ଧିପାଇବାରେ ଲାଗିଛି । ତେବେ ବ୍ୟବସାୟୀମାନେ ଓ ଗ୍ରାହକମାନେ ପାନୀୟଜଳ

- ପ୍ରଚୁର ରାଜସ୍ୱ ସଂଗ୍ରହ ସତ୍ତ୍ୱେ ପୌର ପରିଷଦ ଚୁପ୍ ବସିଛି
- ହାଟରେ ନାହିଁ ପିଣ୍ଡି, ଶୌଚାଳୟ, ଡ୍ରେନ୍ ଓ ଆଲୋକ ବ୍ୟବସ୍ଥା

ବ୍ୟବସ୍ଥା, ଉନ୍ନତମାନର ଶୌଚାଳୟ ନଥିବାରୁ ସେଇ ହାଟ ମଧ୍ୟରେ ବାଧହୋଇ ଏଣେତେଣେ ମଳତ୍ୟାଗ କରୁଥିବାରୁ ଏକ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି । ତେବେ ଶିଳ୍ପନଗରୀ ତାଳଚେର ଅଞ୍ଚଳରେ ଅର୍ଥର ଅଭାବ ନଥିବା ବେଳେ କାହିଁକି ଓ କାହାପାଇଁ ଯେ, ସବୁଥିରୁ ତାଳଚେରବାସୀଙ୍କୁ ବଞ୍ଚିତ କରାଯାଉଛି, ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଠିଛି ପ୍ରଶ୍ନ ହେଉଛି ଚର୍ଚ୍ଚା ।

## ୫୯ ୟୁନିଟ୍ ରକ୍ତ ସଂଗୃହୀତ



**କଣିହାଁ, ୭ ।୪(ସମିସ):** କଣିହାସ୍ଥିତ ଏନଟିପିସି ପ୍ରକଳ୍ପର ଦୀପ ତରଙ୍ଗ ମନୋରଞ୍ଜନ କେନ୍ଦ୍ରଠାରେ ରବିବାର ଗ୍ରୀଷ୍ମକାଳୀନ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଶ୍ରୀ ସତ୍ୟସାଇ ସେବା ସମିତି ତରଫରୁ ଅମୃତ ବିନ୍ଦୁ ରକ୍ତଦାନ ଆୟୋଜନକୁ ନେଇ ଅତିଥିଭାବେ ପ୍ରକଳ୍ପର ମୁଖ୍ୟ ଅଧିକାରୀ ଏ କେ ସେହେଗଲ, ମାନବ ସମ୍ବଳ ଅଧିକାରୀ ବି କେ ପାଣ୍ଡେ, ଏସ୍ ଏଚ ନବନୀତ ପ୍ରମୁଖ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୫୯ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ବେଳେ ତାଳଚେର ବ୍ଲଡ ବ୍ୟାଙ୍କର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ । ଏଥିରେ ଅନେକ ସାଇ ଆଶ୍ରିତ ଶ୍ରଦ୍ଧାଳୁ ସହଯୋଗ କରିଥିଲେ । ସତ୍ୟସାଇ ଅନୁଷ୍ଠାନ ପକ୍ଷରୁ ଶନିବାର ବାଳ ବିକାଶ କାର୍ଯ୍ୟକ୍ରମ ନେଇ ସଚେତନତା ଅଭିଯାନ ଓ ଶୋଭାଯାତ୍ରା କରାଯାଇଥିଲା ।

## ବିପୁଳ ଶାଳକାଠ ଜବତ କଲା ବନବିଭାଗ

**ତାଳଚେର ସଦର, ୭ ।୪(ସମିସ):** ଶିଳ୍ପନଗରୀ ତାଳଚେର ସହର ମଧ୍ୟରେ ବନବିଭାଗ କାର୍ଯ୍ୟାଳୟ ଠାରୁ ମାତ୍ର ୫ଶହ ମିଟର ଦୂରରେ ହାଟତୋଟା ମୁଖ୍ୟ ରାସ୍ତାକଡ଼ରେ ରହିଥିବା ଟ୍ରେନ୍ ବଡ଼ି ଗ୍ୟାରେଜରେ ଆତର୍କିତ ଚଢ଼ଉ କରି ସେଠାରୁ ବିପୁଳ ପରିମାଣର ଶାଳକାଠ ଜବତ କରାଯାଇଛି । ଏହି ଘଟଣା ପ୍ରଚାରିତ ହେବା




ପରେ ଅଞ୍ଚଳରେ ରହିଥିବା ସମସ୍ତ ବଡ଼ି ଗ୍ୟାରେଜ ମାଲିକଙ୍କ ମଧ୍ୟରେ ଭୟର ଆତଙ୍କ ଖେଳିଯାଇଛି । ଆଜି ସକାଳ ୯ଘଟିକା ସମୟରେ କୌଣସି ସୂତ୍ରରୁ ଖବର ପାଇ ବନ ବିଭାଗ ଉକ୍ତ ଗ୍ୟାରେଜ ନିକଟରେ ପହଞ୍ଚି ତନଖି କରିଥିଲେ । ସେଠାରୁ ଟ୍ରକ ଡାଲା ପାଇଁ ଉଦ୍ଦିଷ୍ଟ ଚୋରା ଶାଳ କାଠକୁ ଜବତ କରି କାର୍ଯ୍ୟାଳୟକୁ ଆଣିଥିଲେ । ଏହି ଶାଳପଟାର କୌଣସି କାଗଜପତ୍ର ନଥିଲା ବେଳେ ସନ୍ତୋଷ ଜନକ ଉତ୍ତର ଦେଇପାରି ନଥିବାରୁ ଉକ୍ତ କାଠପଟାକୁ ବନବିଭାଗ ଜବତ କରିଥିବା ଜଣାପଡ଼ିଛି । ଗ୍ୟାରେଜ ମାଲିକଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି । ତେଣୁ ଅନୁଗୋଳ ଡିଏଫଓ ଏହାକୁ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ତେବେ ଶିଳ୍ପନଗରୀ ତାଳଚେରରେ ବାହାର ରାଜ୍ୟ ଓ ଜିଲ୍ଲାରୁ ଆସି ଏଠାରେ ଛତୁ ଫୁଟିଲା ଭଳି ବଡ଼ି ଗ୍ୟାରେଜ୍ କରି ନିଜର ଗୁଜୁରାଣ ମେଣ୍ଟାଉଥିବା ବେଳେ ଏଥିରୁ କିଛି ବେଆଇନ୍ ଗ୍ୟାରେଜ୍ ହୋଇଥିବା ବେଳେ ଆଉ କିଛି ହାତଗଣତି ସରକାରୀ ସ୍ୱୀକୃତିପ୍ରାପ୍ତ ଥିବା କୁହାଯାଉଛି । ତେବେ ଏହାର ବିଧିବଦ୍ଧ ତଦନ୍ତ କରାଗଲେ ବହୁ ସତ୍ୟାସତ୍ୟ ପଦାକୁ ଆସିବ ।



ପ୍ରଚଣ୍ଡ ରୌଦ୍ରତାପ ପରେ ସନ୍ଧ୍ୟାରେ ବର୍ଷା ଆଣିଲା ଆଶ୍ୱସ୍ତି (ଫଟୋ- ଚିକୁ)

## ସଂକୁଳସ୍ତରୀୟ ପ୍ରଧାନଆଚାର୍ଯ୍ୟ ବୈଠକ

**ଛେଣ୍ଡିପଦା, ୭ ।୪(ସମିସ):** ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ଜରପଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଛେଣ୍ଡିପଦା ଓ ବଇଣ୍ଡା ସଂକୁଳର ପ୍ରଧାନ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ବୈଠକ ଛେଣ୍ଡିପଦା ସଙ୍କୁଳ ପ୍ରମୁଖ ଦିଲୀପ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଜରପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଲିଙ୍ଗରାଜ ମହାପାତ୍ରଙ୍କ ପରିଚାଳନାରେ ବୈଠକରେ ଶିକ୍ଷା ବିକାଶ ସମିତିର ପ୍ରାପ୍ତ ପରୀକ୍ଷା ପ୍ରମୁଖ ପ୍ରସନ୍ନ କୁମାର ବିଶ୍ୱାଳ, ମଧ ସମ୍ଭାଗ ସଂଯୋଜକ ମଧୁସୂଦନ ବାରିକ, ବିଭାଗ ନିରୀକ୍ଷକ ବିରଞ୍ଚି ମହାପାତ୍ର ପ୍ରମୁଖ ଯୋଗଦେଇ ନୂତନ ଶିକ୍ଷାବର୍ଷର ବାର୍ଷିକ ଯୋଜନା ଓ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରିଥିଲେ । ଏହି କାର୍ଯ୍ୟକ୍ରମରେ ଛେଣ୍ଡିପଦା ସଂକୁଳର ୬ଟି ଓ ବଇଣ୍ଡା ସଙ୍କୁଳର ୮ଟି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଆଚାର୍ଯ୍ୟାମାନେ ଯୋଗ ଦେଇଥିଲେ । ଛେଣ୍ଡିପଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ତଥା ଛେଣ୍ଡିପଦା ସଂକୁଳର ସଂକୁଳ ସଂଯୋଜକ ବସନ୍ତ କୁମାର ସାହୁଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଜରପଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଗୁରୁଜୀ, ଗୁରୁମା, ସେବୀକା ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।



## ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ ପାଇଁ ପ୍ରସ୍ତୁତି

**ଅନୁଗୋଳ, ୭ ।୪(ସମିସ):** ରାଷ୍ଟ୍ରୀୟ ନବବର୍ଷ ପାଳନ ସମିତି ଅନୁଗୋଳ ପକ୍ଷରୁ ଶୈଳ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ସାମ୍ନାରେ ରାଷ୍ଟ୍ରୀୟ ନବବର୍ଷ ପାଳନ ନିମନ୍ତେ ପ୍ରସ୍ତୁତିପର୍ବ ହୋଇଯାଇଛି । ରାଷ୍ଟ୍ରୀୟ ଧର୍ମ, ଦେବତା ଓ ଦିବସ ପ୍ରତି ସମ୍ମାନ ବିନା ରାଷ୍ଟ୍ର ପୂର୍ଣ୍ଣ ବିକଶିତ ହୋଇପାରିବ ନାହିଁ । ରାଷ୍ଟ୍ରୀୟ ହିନ୍ଦୁ ସନାତନ ନବବର୍ଷ ତଥା ବ୍ରହ୍ମାଙ୍କ ସୃଷ୍ଟିର ସରଞ୍ଜନା ଦିବସକୁ ସର୍ବତ୍ର ପାଳନ କରିବାକୁ ପୁରୀ ଗୋବର୍ଦ୍ଧନ ପୀଠାଧୀଶ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାଭାଗ ଆହ୍ୱାନ କରିଛନ୍ତି । ପୁରୀ ପୀଠ ପରିଷଦ ଅନ୍ତର୍ଗତ ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀ ଆନୁକୂଲ୍ୟରେ ଅନୁଗୋଳଠାରେ ରାଷ୍ଟ୍ରୀୟ ନବବର୍ଷ ପାଳନ ନିମନ୍ତେ ଜଗନ୍ନାଥ ମନ୍ଦିର ସଦଭାବନା ଗୃହ ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଜି ଅପରାହ୍ଣରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଏହି ଦିବସ ପାଳନର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରାଯାଇଥିଲା । ସମାଜକୁ ସନାତନ ହିନ୍ଦୁ ଧର୍ମର ମହତ୍ତ୍ୱକୁ ସ୍ମରଣ କରାଇବା ଓ ସର୍ବହିତପ୍ରଦ ସୁସ୍ଥ ସମାଜ ସରଞ୍ଜନା ନିମନ୍ତେ ପ୍ରତ୍ୟେକ ବର୍ଷ ଚୈତ୍ରମାସ ଶୁକ୍ଳପକ୍ଷ ପ୍ରତିପଦା ତିଥିକୁ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଭାବେ ପାଳନ କରାଯାଉଛି । ଚଳିତ ମାସ ଅପ୍ରେଲ ୯ ତାରିଖ ଅନୁଗୋଳରେ ରାଷ୍ଟ୍ରୀୟ ନବବର୍ଷ ପାଳନ କରାଯିବା ଅବସରରେ ବ୍ୟାପକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ରବିବାର ପୂର୍ବାହ୍ନରେ ଏକ ମୋଟର ସାଇକଲ୍ ଶୋଭାଯାତ୍ରା ସହର ପରିକ୍ରମା କରି ରାଷ୍ଟ୍ରୀୟ ନବବର୍ଷ ପାଳନ ନିମନ୍ତେ ସଚେତନତା ସୃଷ୍ଟି କରାଯାଇଥିଲା । ଏଥିସହିତ ରାଷ୍ଟ୍ରୀୟ ନବବର୍ଷ ପାଳନର ମହତ୍ତ୍ୱକୁ ଲୋକଲୋଚନକୁ ଆଣିବା ଓ ସର୍ବବିଦିତ କରିବା ଉଦ୍ଦେଶ୍ୟରେ ବିଦ୍ୟାଳୟ ସ୍ତରରେ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପାଳନ ଦିବସରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ । ଏଥିସହିତ ରାଷ୍ଟ୍ରୀୟ ନବବର୍ଷ ପାଳନ ଦିନ ଭୋର୍ ସମୟରେ ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ପରିସରରେ ସୂର୍ଯ୍ୟପୂଜା, ଦୀପଦାନ, ସୁନ୍ଦରାକାଣ୍ଡ ପାଠ ଓ ସଂକୀର୍ତ୍ତନ ମାଧ୍ୟମରେ ରାଷ୍ଟ୍ରୀୟ ନବବର୍ଷକୁ ସ୍ୱାଗତ କରାଯିବ । ସନ୍ଧ୍ୟାରେ ଧର୍ମସଭା ଅନୁଷ୍ଠିତ କରାଯାଇଛି । ଏଥିସହିତ ନବବର୍ଷ ପାଳନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ବୋଲି ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ହେମନ୍ତ ଦାଶ, ପୀଠ ପରିଷଦ ରାଜ୍ୟ ଉପାଧ୍ୟକ୍ଷ ପଣ୍ଡିତ ରୋହିତ ଦାଶ, ଆଦିତ୍ୟ ବାହିନୀ ଅନୁଗୋଳ ସଭାପତି ଲଳିତ ମୋହନ ଦାଶ, ବାସୁଦେବ ହୋତା, କିଶୋର ଚନ୍ଦ୍ର ସାହୁ, ପର୍ଶୁରାମ ଦାଶ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।



## ଗଦାଶିଳା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ

**କଣିହାଁ, ୭ ।୪(ସମିସ):** କଣିହା ବ୍ଲକ ଗଦାଶିଳା ଗ୍ରାମରେ ଦୁଇଦିନ ଧରି ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଶନିବାର ବିଧିମତେ କର୍ମନୀତିକୁ ନେଇ ଅହୋରାତ୍ର ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ହୋଇଥିଲା । ରବିବାର ସମାପନ ଉତ୍ସବ ଧୁମଧାମରେ ପାଳିତ ହୋଇଥିଲା । ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନଙ୍କ ସମେତ ଅନେକ ଶ୍ରଦ୍ଧାଳୁ, ଭାଗବତ ପ୍ରେମୀ ଯୋଗଦେଇ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ । ଗ୍ରାମ କମିଟି ତରଫରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

## ରାମକୃଷ୍ଣ ସ୍କୁଲର ବାର୍ଷିକ ଉତ୍ସବ



**କିଶୋରନଗର, ୭ ।୪(ସମିସ) :** କିଶୋରନଗର ବ୍ଲକ ଘୋଷର ଠାରେ ଥିବା ରାମକୃଷ୍ଣ ସ୍କୁଲର ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ସିଦ୍ଧାର୍ଥ ପଣ୍ଡା, ମୁଖ୍ୟ ବକ୍ତା ଶିକ୍ଷକ ତଥା ଶିଶୁ ସାହିତ୍ୟକ ସଂଗ୍ରାମ କେଶରୀ ପୃଷ୍ଟି, ସମ୍ମାନିତ ଅତିଥି ଭାବେ ଶିକ୍ଷକ ରୁଦ୍ର ନାରାୟଣ ସାହୁ ଓ ସମାଜସେବୀ ସନ୍ତୋଷ କୁମାର ସାହୁ ଯୋଗଦେଇ କଠିନ ନିଷ୍ଠା, ସାଧନା ଓ ଅଧ୍ୟବସାୟ ଜଣେ ଛାତ୍ରର ମୂଳପୁଞ୍ଜି ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ରଜନୀକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପ୍ରଧାନ ଆଚାର୍ଯ୍ୟ ପଦ୍ମିନୀ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଶିକ୍ଷକ ତ୍ରିଲୋଚନ ବାରିକ, ସୁନୀତା ସାହୁ, ଓ ଅନୁପମା ସାହୁ । ଧନ୍ୟବାଦ ଅର୍ପଣ କରିଥିଲେ ସ୍ୱାଗତିକା ପ୍ରଧାନ । ପୂର୍ବରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଉପଖଣ୍ଡସ୍ତରୀୟ ଗୋପାଳ ସମାଜର ବନ୍ଧୁମିଳନ

**କଣିହାଁ, ୭ ।୪(ସମିସ):** ଅନୁଗୋଳ ଜିଲ୍ଲା ତାଳଚେର ଉପଖଣ୍ଡସ୍ତରୀୟ ରାଧାରମଣପୁର ଗ୍ରାମର ଶିବମନ୍ଦିର ନିକଟସ୍ଥ ଆମ୍ବତୋଟାରେ ରବିବାର ଗୋପାଳ ସମାଜର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସଭାପତି ଉଗ୍ରସେନ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବନ୍ଧୁମିଳନ ଓ ଗୋପାଳ ଜାତି କଳା ସଂସ୍କୃତି ଏତିହ୍ୟ ପରମ୍ପରା ସମାଜିକ ପୁର୍ନଗଠନ ପ୍ରକ୍ରିୟା ଉଜ୍ଜିବିତ ରଖିବା ପାଇଁ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ଏଥିରେ ସାମିଲ ହୋଇଥିବା ସଦସ୍ୟମାନେ ସମାଜ ଓ ସମାଜିକ କର୍ତ୍ତବ୍ୟ ଉପରେ ପରିବାରରୁ ଉପଖଣ୍ଡ ସ୍ତରରେ ଗଉଡ଼ ବା ଗୋପାଳ ଜାତି ସଶକ୍ତ କରିବାକୁ ପ୍ରସ୍ତାବ ଦେଇଥିଲେ । ସଭାପତି ଶ୍ରୀ ବେହେରା ଗୋପାଳ ଗୌଡ଼ ଜାତି ସାମାଜିକ ସଂଗଠନକୁ ସକ୍ରିୟ କରିବା ପାଇଁ ଏକ ସ୍ୱତନ୍ତ୍ର କମିଟି ମନୋନୀତ କରାଯାଇଛି । ଏହି ନୂତନ କମିଟି ପକ୍ଷରୁ ଉଗ୍ରସେନ ବେହେରାଙ୍କୁ ସଭାପତି, ଉପ ସଭାପତି ଭାବେ ବିଶ୍ୱଜିତି



ବେହେରା, କୃପାସିନ୍ଧୁ ବେହେରା, ବଳଭଦ୍ର ଭୁତିଆ, ଛବିରାମ ଭୁତିଆ, ସୁଦର୍ଶନ ସାହୁ, କଣିହା ବ୍ଲକରୁ ପ୍ରତାପ ଚନ୍ଦ୍ର ପରିଡ଼ାଙ୍କୁ ମନୋନୀତ କରାଯାଇଛି । ସମ୍ପାଦକ ଭାବେ କଣିହା ବ୍ଲକରୁ ଅଲେଖ ଭୁତିଆ, ତାଳଚେର ବ୍ଲକରୁ ଅଭିରାମ ବେହେରାଙ୍କୁ ଚୟନ କରାଯାଇଛି । ଉପଦେଷ୍ଟା ଭାବେ ତାଳଚେର ଅଟୋନୋମସ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ବିନୟ କୁମାର ଖିଲାର, ରମେଶ ଚନ୍ଦ୍ର ଭୁତିଆ ଅବସରପ୍ରାପ୍ତ ଏମସିଏଲର ଆସିଷ୍ଟାଣ୍ଟ ମ୍ୟାନେଜର ବିକ୍ରମ ଚନ୍ଦ୍ର ବେହେରା, ପ୍ରାକ୍ତନ ସରପଞ୍ଚ ସୁନୀଲ କୁମାର ପ୍ରଧାନ, ଗିରୀଶ ଚନ୍ଦ୍ର ଭୁତିଆ, ନେତ୍ରାନନ୍ଦ ବେହେରାଙ୍କୁ ମନୋନୀତ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଦେଉଳବେଡ଼ା ଗୋପାଳ ସମାଜର ସଭାପତି ଗିରୀଶ ଚନ୍ଦ୍ର ଭୁତିଆ ପରିଚାଳନା କରିଥିଲେ । ଏଥିରେ ଚାଇଁପକ୍ଷଲ ଗ୍ରାମ ସମ୍ପାଦକ କୁବେର ଭୁତିଆ, ରାଧାରମଣପୁରର ନରହରି ବେହେରା ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ । ଉତ୍କଳ ଗୋପାଳ ସମାଜର ସାଧାରଣ ସମ୍ପାଦକ ଓ ଉପଖଣ୍ଡର ଉପସଭାପତି ପ୍ରତାପ ଚନ୍ଦ୍ର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।

## ଡେରଙ୍ଗ ଚନ୍ଦନ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**ଡେ଼ରଙ୍ଗ, ୭ ।୪(ସମିସ)**

ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଡେରଙ୍ଗ ଗ୍ରାମର ରାଧାକୃଷ୍ଣଙ୍କ ଚନ୍ଦନ ଯାତ୍ରା ପାଇଁ ଗ୍ରାମର ସଭାପତି ଦିଲ୍ଲୀପ ବେହେରାଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପ୍ରତ୍ୟେକ ବର୍ଷ ଭଳି ଏବର୍ଷ ମଧ ବୈଶାଖ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥି ୧୪ ତାରିଖ ଦିନ ରାଧାକୃଷ୍ଣଙ୍କ ଚନ୍ଦନ ଯାତ୍ରା ଅନୁଷ୍ଠିତ ହେବ ବୋଲି ଗ୍ରାମର ସଭାପତି ଶ୍ରୀ ବେହେରା ପ୍ରକାଶ କରିଥିଲେ । ଶ୍ରୀ ରାଧାକୃଷ୍ଣ ଠାକୁର ଅକ୍ଷୟ ତୃତୀୟଠାରୁ ଗ୍ରାମର ବଡ଼ ପୋଖରୀରେ ୫ ଦିନ ଧରି ଯାତ୍ରା ପର୍ଯ୍ୟନ୍ତ ସନ୍ଧ୍ୟା ସମୟରେ ଚାପ ଖେଳ ଖେଳିଥାନ୍ତି ଏବଂ ଯାତ୍ରା ଦିନ ସକାଳ ୧୧ ଘଣ୍ଟିକା ସମୟରେ ପ୍ରଭୁ ରାଧାକୃଷ୍ଣଙ୍କ ଧଣ୍ଡା ପୂଜା ହୋଇ ଏକ ବିରାଟ ପଟୁଆରରେ ଗ୍ରାମ ପରିକ୍ରମା କରି ଠାକୁରଙ୍କ ଧଣ୍ଡା ଯାତ୍ରା ପଡ଼ିଆରେ ପହଞ୍ଚିଥାଏ । ସନ୍ଧ୍ୟା ସମୟରେ ଠାକୁରଙ୍କ ପଟୁଆର ବାହାରି ଯାତ୍ରା ପଡ଼ିଆରେ ପହଞ୍ଚିଥାନ୍ତି ବୋଲି ଜଣାପଡିଛି । ଗ୍ରାମର ସମ୍ପାଦକ ବିପିନି ସାହୁ ଯାତ୍ରାରେ ସାମିଲ ହେବାକୁ ଥିବା ୨୫ଟି ମନୋରଞ୍ଜନ ଆଇଟମ ବିବରଣୀ ଓ କଳିଙ୍ଗ ଗଣନାଟ୍ୟର ନାଟ୍ୟ ପରିବେଷଣ ସହିତ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ବୈଠକରେ ମତ ପ୍ରକାଶ କରିଥିଲେ । ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ଓ କମିଟି ମେମ୍ବରଙ୍କ ମତାମତ ଅନୁଯାୟୀ ୧୨୦ ଜଣିଆ ଶାନ୍ତିଶୃଙ୍ଖଳା କମିଟି ମେମ୍ବର ବଛାଯାଇ ଦାୟିତ୍ୱ ଅର୍ପଣ କରାଯାଇଥିଲା । ଏଥି ସହିତ ଡେରଙ୍ଗ ଅଞ୍ଚଳର ଦଶ ବାରଖଣ୍ଡ ମୌଜାର ପାଞ୍ଚ ହଜାରରୁ ସାତ ହଜାର ଦର୍ଶକ ସମାଗମ ହୋଇଥାନ୍ତି । ଶାନ୍ତି ଶୃଙ୍ଖଳାକୁ କଡ଼ାକଡ଼ି ଭାବେ ନଜର ରଖିବାକୁ ଗ୍ରାମ କମିଟିରେ ସହମତି ହୋଇଥିବା ବେଳେ ବିଶୃଙ୍ଖଳାକାରୀ ଲୋକଙ୍କ ପ୍ରତି କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଟିରେ ସହମତି ହୋଇଥିଲା । ବୈଠକରେ କୋଷାଧ୍ୟକ୍ଷ ସୁନୀଲ ସାହୁ, ପୂର୍ବତନ ସଭାପତି ବିଚ୍ଛନ୍ଦ ଚରଣ ସାହୁ, ଯୁଗେଶ୍ୱର ସାହୁ, ଅନିଲ ସାହୁ, ପୁରସ୍ତମ ସାହୁ, ବିଦ୍ୟାଧର ସାହୁ, ସୁବାସ ବେହେରା, ସନ୍ତୋଷ ବେହେରା, ସୁଧାକର ବେହେରା, ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ସହିତ ଗ୍ରାମ କମିଟି ସଦସ୍ୟ ଉପସ୍ଥିତ ଥିବା ଜଣାପଡିଛି ।



# ଯାତ୍ରା ପରେ ବିଗୁଡୁଛି ପଡ଼ିଆ ପରିବେଶ



**ରାଜକନିକା,୭।୪(ସମିସ):** ବ୍ୟବସାୟିକ ଅପେରା ପାଇଁ ପ୍ରଶାସନ ଦେଉଛି ଅନୁମତି। ଅପେରା ପ୍ରଦର୍ଶନ ପରେ ଯାତ୍ରା ହେଉଥିବା ସ୍ଥାନର ପରିବେଶ ବିଗିଡି ଯାଉଥିବା ବେଳେ ଏହାକୁ କିଏ ସଫା କରିବ ତାହାକୁ ନେଇ ଉଠିଛି ପ୍ରଶ୍ନବାଚୀ। ଗତ ମାର୍ଚ୍ଚ ମାସ ୨୯ ତାରିଖରୁ ଏପ୍ରିଲ ୧ ତାରିଖ ଯାଏ ତରାସ ଦୋଳମଣ୍ଡପ ପଡିଆରେ ଏକ ଯାତ୍ରା ପାର୍ଟି ଯାତ୍ରା କରି ଫେରିଯାଇଥିବାବେଳେ ଏବେ ସେହି ପଡିଆରେ କୁଢ଼ କୁଢ଼ ପ୍ଲାଷ୍ଟିକ ବୋତଲ, ଜରି, ପଲିଥିନ, ଠୁଙ୍ଗା, କାଗଜ ଆଦି ଅଳିଆ ଜମା ହୋଇରହିଛି। ଏସବୁ ଅଳିଆ ସଫା କରିବାକୁ କେହି ଉଚିତ ମଣି ନ ଥିବା ବେଳେ ଆଜି କନିକା ତହସିଲଦାରଙ୍କୁ ଏ ନେଇ ପରିବେଶବିତ୍ ଅଭିଯୋଗ ଦେଇଛନ୍ତି। କୌଣସି ଅଞ୍ଚଳରେ ଯାତ୍ରା ପରିବେଷଣ ପାଇଁ ପ୍ରଶାସନ ଅନୁମତି ଦେଉଥିବା ବେଳେ ଅଳିଆ ଆବର୍ଜନା ସଫା ପାଇଁ କାହିଁକି ବାଧ ବାଧକତା ରଖିବ ନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ମୂଳ ପରିବେଶକୁ ଅଳିଆ କରି ଯାତ୍ରା କମିଟି ଲାଭବାନ ହେଉଥିବା ବେଳେ ଅଳିଆ ସଫା କରିବାକୁ କଣ ପାଇଁ ପଛଘୁଞ୍ଚା ଦେଉଛି ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି।

# ଏମ୍‌ସିସି ଉଲ୍ଲଂଘନ ଉପରେ କଡ଼ା ନଜର ରଖିଛି ସି-ଭିଜିଲ୍ ଆପ୍

**କେନ୍ଦ୍ରାପଡା,୭।୪(ସମିସ):** ନିର୍ବାଚନ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଉପରେ କଡା ନଜର ରଖିଛି ଭାରତର ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରସ୍ତୁତ ସି-ଭିଜିଲ୍ ସିଟିଜେନ୍ ଆପ୍। ଏହି ଆପ୍ ସହାୟତାରେ ନିର୍ବାଚନ ଆୟୋଗ ସାରା ଦେଶରେ ଆଦର୍ଶ ଆଚରଣ ସଂହିତା ଉଲ୍ଲଂଘନ ମାମଲା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି। ସାଧାରଣ ନିର୍ବାଚନ ଘୋଷଣା ହେବା ପରଠାରୁ ଏଯାବତ୍ କେନ୍ଦ୍ରାପଡା ଜିଲ୍ଲାରେ ୫୫ଟି ଉଲ୍ଲଂଘନ ଅଭିଯୋଗ ଆସିଛି। ଏଥିମଧ୍ୟରୁ ୫ଟି ଡ୍ରାଏଲ୍ କେସ୍ ହୋଇଥିବା ବେଳେ ୫ଟି ଅଭିଯୋଗ ଭିତ୍ତିହୀନ ଅଟେ। ଅବଶିଷ୍ଟ ୪୫ଟି ଅଭିଯୋଗକୁ ହାରାହାରି ୮୩ମିନିଟ୍ ମଧ୍ୟରେ ଏଫ୍‌ଏସ୍‌ଟି (ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ଟିମ୍) ସମାଧାନ କରିବାକୁ ସକ୍ଷମ ହୋଇଛନ୍ତି।




ସୂଚନାଯୋଗ୍ୟ, ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ନିର୍ଦ୍ଦେଶକ୍ରମେ ଏକ ଉତ୍ସର୍ଗୀକୃତ ୨୪ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ଖୋଲାଯାଇଛି। ଜିଲ୍ଲାର ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀରେ ୩ଟି ଲେଖାଏଁ ମୋଟ୍ ୧୫ଟି ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ ୨୪ ଘଣ୍ଟିଆ ଆଲର୍ଟ ରହିଛନ୍ତି। ପ୍ରତ୍ୟେକ ଫ୍ଲାଇଙ୍ଗ୍ ସ୍କ୍ୱାଡ୍‌ରେ ଅଛନ୍ତି ଜଣେ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, ଜଣେ ଏଏସ୍‌ଆଇ, ଜଣେ ଭିଡିଓଗ୍ରାଫର୍ ଏବଂ ୩ଜଣ ବନ୍ଧୁକଧାରୀ ପୁଲିସ୍। ନିର୍ବାଚନ ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ ସମ୍ପର୍କରେ ସି-ଭିଜିଲ୍ ଆପ୍ ଜରିଆରେ କେନ୍ଦ୍ରାପଡା ଜିଲ୍ଲାର ଯେ କୌଣସି ବ୍ୟକ୍ତି ଅଭିଯୋଗ ଆଣିବା ମାତ୍ରେ କଣ୍ଟ୍ରୋଲ ରୁମ୍‌ରେ ଥିବା ମନିଟରରେ ଏହା ସୋ କରିଥାଏ। ସେଠାରେ ଥିବା କର୍ମଚାରୀ ପ୍ରଥମେ ଅଭିଯୋଗକାରୀଙ୍କ ଦ୍ୱାରା ପ୍ରଦତ୍ତ ଫଟୋ/ଭିଡିଓର ଜିପିଏସ୍ ଟ୍ରାକ୍ କରିଥାନ୍ତି ଏବଂ ପରେପରେ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଥିବା ଫ୍ଲାଇଙ୍ଗ୍ ସ୍କ୍ୱାଡ୍‌କୁ ଏ ସମ୍ପର୍କରେ ଅବଗତ କରାଇଥାନ୍ତି। ୧୦୦ ମିନିଟ୍ ମଧ୍ୟରେ ଏହି ଅଭିଯୋଗର ସମାଧାନ କରିବାକୁ ପ୍ରାବଧାନ ରହିଥିବା ବେଳେ ହାରାହାରି ୮୩ ମିନିଟ୍ ମଧ୍ୟରେ ଏହାର ସମାଧାନ କରିବାକୁ ସକ୍ଷମ ହୋଇଛନ୍ତି ଜିଲ୍ଲାରେ ନିୟୋଜିତ ଥିବା ଫ୍ଲାଇଙ୍ଗ୍ ସ୍କ୍ୱାଡ୍।

ସୂଚନାଯୋଗ୍ୟ, ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ୨ଟି ଅଭିଯୋଗ ଆସିଥିବା ବେଳେ ମହାକାଳପଡାରୁ ୩ଟି, କେନ୍ଦ୍ରାପଡାରୁ ୭ଟି, ରାଜନଗରରୁ ୯ଟି ଓ ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ସର୍ବାଧିକ ୨୯ଟି ଅଭିଯୋଗ ଆସିଛି। ଏହା ମଧ୍ୟରୁ ୪୫ଟି ଅଭିଯୋଗରେ ସତ୍ୟତା ଥିବାବେଳେ ୫ଟି ଅଭିଯୋଗ ଭିତ୍ତିହୀନ ଅଟେ।

ଅବାଧ, ନିରପେକ୍ଷ ଏବଂ ପ୍ରଲୋଭନମୁକ୍ତ ନିର୍ବାଚନ ସୁନିଶ୍ଚିତ କରିବାକୁ ଡିଜିଟାଲ ପ୍ରଯୁକ୍ତି ବିଦ୍ୟାର ଏକ ଅଂଶ ହେଉଛି ସି-ଭିଜିଲ୍ ଆପ୍। ଦ୍ରୁତ, ବେଗ ଓ ସ୍ୱଚ୍ଛତା ହେଉଛି ଏହାର ମୂଳଦୁଆ। ଏ ଆପ୍ ଜରିଆରେ ଯେ କୌଣସି ସଚେତନ ବ୍ୟକ୍ତି ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ସମ୍ପର୍କରେ ଫଟୋ କିମ୍ବା ଭିଡିଓ ଉତ୍ତୋଳନ କରି ଏହି ଆପ୍‌ରେ ଲୋଡ୍ କରି ଅଭିଯୋଗ ଆଣିପାରିବେ। ନିର୍ବାଚନ ଆଦର୍ଶ ଆଚରଣ ସଂହିତାର ପାଳନ ପାଇଁ ପ୍ରତିଶ୍ରୁତିବଦ୍ଧ ଥିବା କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ଟୋଲ୍ ଫ୍ରି ନମ୍ବର ୧୯୫୦ ଜାରି କରିବା ସହ ୪ଟି ମୋବାଇଲ୍ ନମ୍ବର ୯୮୬୧୨୦୩୮୩୩, ୮୨୬୦୨୧୮୦୮୩, ୯୦୭୮୦୧୮୯୩୫, ୯୦୭୮୯୮୦୬୩୧ ଜାରି କରିଛନ୍ତି।

# କେନାଲ୍ ବନ୍ଧରେ ପିଚୁ ଫାଟି ଆଁ

**ପଞ୍ଚୁପାଣ୍ଡବ,୭।୪(ସମିସ):** ଡେରାବିଶ ବ୍ଲକ ବେଣିପୁର ପଞ୍ଚାୟତ ଅନ୍ତର୍ଗତ ରାଇତୁଣ୍ଡି ଗ୍ରାମ ସ୍ଥିତ ପଟ୍ଟାମୁଣ୍ଡାଇ ୮ ନଂ କେନାଲ ବନ୍ଧ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାଟି ଓଲଢ଼ି ଠାରୁ ବେଣିପୁର ପର୍ଯ୍ୟନ୍ତ ଯାଇଛି। ଏହି ରାସ୍ତା ଦେଇ ବ୍ଲକର ବେଣିପୁର, ରଘୁଦେଇପୁର, କୁରୁଜଙ୍ଗା ଇତ୍ୟାଦି ପଞ୍ଚାୟତବାସୀ ଯାତାୟାତ କରୁଥିବାବେଳେ ପଡ଼ୋଶୀ ଯାଜପୁର ଜିଲ୍ଲାକୁ ଏହି ରାସ୍ତାଟି ସଂଯୋଗ କରୁଛି। ଫଳରେ ଯାଜପୁର ଜିଲ୍ଲାରେ ବୌଦ୍ଧପୀଠଗୁଡିକୁ ମଧ୍ୟ ପର୍ଯ୍ୟଟକମାନେ ଏହି ରାସ୍ତାଦେଇ ଯାଥାନ୍ତି। ତେବେ ଠିକାଦାରଙ୍କ ନିମ୍ନମାନର ପିଚୁକାମ ସହିତ ରାସ୍ତା କଡ଼ରେ ମାଟି ନପକାଇ ମୋରମ ଛିଞ୍ଚି ଦେଇଥିବାରୁ ଏହି ରାସ୍ତା ଅବସ୍ଥା ଏବେ ଶୋଚନୀୟ ହୋଇପଡିଥିବା ଅଭିଯୋଗ ହେଉଛି। ରାସ୍ତା କାମ କରୁଥିବା କର୍ମଚାରୀମାନଙ୍କୁ ପଚାରିବାରୁ ସେ କହିଛନ୍ତି ଏ ରାସ୍ତାରେ ବଡ଼ବଡ଼ ଗାଡ଼ି ଚଳାଚଳ କରୁଥିବାରୁ ଅବସ୍ଥା ଏପରି ହୋଇଛି। ତେବେ ଏହାର ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



# ଗାଁ ମୁରବୀଙ୍କ ପରଲୋକ

**ଓଲାଭର,୭।୪(ସମିସ):** ରାଜକନିକା ବ୍ଲକ ଅନ୍ତର୍ଗତ ଦେଉଳତରା ପଞ୍ଚାୟତ ମୁରାଦପୁର (ବରିପଡା) ଗ୍ରାମର ମୂରବୀ ତଥା ସମାଜସେବୀ ଗୋବିନ୍ଦ ଚନ୍ଦ୍ର ବାରିକ୍ (୭୮) ଙ୍କର ଗତକାଲି ରାତିରେ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲ୍‌ରେ ପରଲୋକ ଘଟିଛି। ସକାଳେ ମର ଶରୀର ନିଜ ଗାଁରେ ପହଞ୍ଚିଲା ପରେ ବହୁ ଲୋକ ଶେଷ ଦର୍ଶନ କରିଥିଲେ। ରାଜକନିକା ବ୍ଲକ ଅଧକ୍ଷା ମିନତୀ ରାଉତ, ବାବୁରାମ ଜେନା, ସାଂସଦ ପ୍ରତିନିଧି ପବିତ୍ର ରାଉତ, ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ, ଦେଉଳତରା ସରପଞ୍ଚ ସଞ୍ଜୟ ପଣ୍ଡା, ଅଭିମନ୍ୟୁ ବାରିକ୍, ବ୍ଲକ ବିଜେଡି ଉପ ସଭାପତି ବିଶ୍ୱରଞ୍ଜନ ଦାସ, ଭବାନୀ ଶଙ୍କର ରାଉତ, ବ୍ରହ୍ମାନନ୍ଦ ଧଳ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ଗାଁ ଶ୍ମଶାନରେ ଶେଷକୃତ୍ୟ ହୋଇଛି।

# ଦିବାକର ସାର୍‌ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ରାଜନଗର,୭।୪(ସମିସ):** ରାଜନଗର ବ୍ଲକ ଗଂଗଣୀ ପଞ୍ଚାୟତ ପଟ୍ଟାପାରିଆସ୍ଥିତ ପଟ୍ଟାପାରିଆ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ୩୫ ବର୍ଷ ଧରି ଶିକ୍ଷାଦାନ କରି ଅବସର ନେଇଛନ୍ତି ଦିବାକର ସାର୍। ଜଗତସିଂହପୁର ଜିଲ୍ଲା ସାଧେଇପୁର ଗାଁର ଦିବାକର ସ୍ୱାଇଁ ୧୯୯୦ ମସିହାରେ ଏହି ବିଦ୍ୟାଳୟରେ ଶିକ୍ଷକ ଭାବେ ଯୋଗଦେଇଥିଲେ। ଦୀର୍ଘ ୩୫ବର୍ଷ ଧରି ଏହି ବିଦ୍ୟାଳୟରେ ଶିକ୍ଷାଦାନ କରିବା ସହ ଛାତ୍ରବତ୍ସଳ ଶିକ୍ଷକ ଭାବେ ଗାଁରେ ଘରେ ଘରେ ଶ୍ରଦ୍ଧାଭାଜନ ଥିଲେ। ମାର୍ଚ୍ଚ ୩୧ ତାରିଖ ଦିନ ଚାକିରିରୁ ଅବସର ନେଇଥିଲେ। ଆଜି ବିଦ୍ୟାଳୟ ପରିସରରେ ସାର୍‌ଙ୍କ ପାଇଁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଗାଁର ୪ଶହ ପରିବାର ଏକାଠି ହୋଇ ଚାନ୍ଦା କରି ସମ୍ବର୍ଦ୍ଧନା ସଭା କରିବା ସହ ୨ ହଜାର ଲୋକଙ୍କ ପାଇଁ ଖାଦ୍ୟପେୟର ବ୍ୟବସ୍ଥା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ରବୀନ୍ଦ୍ର ନାଥ ମାରାଣ୍ଡିଙ୍କ ପୌରହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବିବେକାନନ୍ଦ ଉଚ୍ଚ ବିଦ୍ୟାପୀଠର ପ୍ରଧାନଶିକ୍ଷକ ବାଦଲ କୁମାର ପରିଡା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଷ ଚନ୍ଦ୍ର ଗୁଡିଆ, ସରପଞ୍ଚ ଲୋପାମୁଦ୍ରା ଜେନା, ସମିତିସଭ୍ୟ ତପନ କୁମାର ସାହୁ, ତାଳଚୁଆ ସେବା ସମବାୟ ସମିତିର ସଭାପତି ବଳରାମ ମଣ୍ଡଳ, ଗାଁର ମୁରବୀ ବୃନ୍ଦାବନ ଦଳାଇ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅଶୋକ କୁମାର ଦଳାଇ ପ୍ରମୁଖ ଯୋଗଦେଇ ଦିବାକର ସାର୍‌ଙ୍କ ଗୁଣଗାନ କରିଥିଲେ।

# ଚୋରି ବାଇକ୍ ଜବତ, ଜଣେ ଗିରଫ

**ରାଜନଗର,୭।୪(ସମିସ):** ରାଜନଗର ଥାନା ଅନ୍ତର୍ଗତ କୁରୁଣ୍ଟି ଗାଁର ରଶ୍ମୀ ରଂଜନ ପରିଡାଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ରଶ୍ମୀରଂଜନଙ୍କ ନାଁରେ ରାଜନଗର ଥାନାରେ ୧୨ଟି ଚୋରି ମାମଲା ରହିଛି। ନିକଟରେ ଯାଜପୁର ଜିଲ୍ଲା ବରି ଥାନା ଅଂଚଳରୁ ଏକ ବାଇକ୍ ଚୋରି କରି ଆଣିଥିଲା। ଗତକାଲି ରାଜନଗର ଆଇଆଇସି ଅଜୟ କୁମାର ଜେନା ରଶ୍ମୀରଂଜନଙ୍କୁ ରାଜନଗର ନୂତନ ବାଇପାସ୍ ନିକଟରୁ ଗିରଫ କରିବା ସହ ଚୋରି ଟିଭିଏସ ଆପାଚି ମୋଟର ସାଇକଲ ତା ନିକଟରୁ ଜବତ କରିଥିଲେ। ତା ନାଁରେ ୧୨ଟି ମାମଲା ଥିବା ବେଳେ ଦୁଇଟି ୱାରେଣ୍ଟ ଥିଲା। ଆଜି ରଶ୍ମୀକୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି କହିଛନ୍ତି।

# ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

**ଡେରାବିଶ,୭।୪(ସମିସ):** ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ନୀଳକଣ୍ଠପୁର (ଗୁଡୁଗୁଡ଼ି) ଗ୍ରାମର ଧର୍ମପରାୟଣ ବ୍ୟକ୍ତି ଦେବାଶିଷ ଜେନା (୫୦) ଙ୍କର ଗୁରୁବାର ଅପରାହ୍ନରେ ପରଲୋକ ହୋଇଯାଇଛି। ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାକୁ ତାଙ୍କର ମେଡ଼ିକାଲ୍ ନିଆଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଦେବାଶିଷ ଗ୍ରାମରେ ଥିବା ହନୁମାନ ମନ୍ଦିର ଓ ସାଇବାବା ମନ୍ଦିର ନିର୍ମାଣ କାର୍ଯ୍ୟରେ ସେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ତାଙ୍କ ମରଶରୀରକୁ ଆଖପାଖ ଗ୍ରାମରେ ପରିକ୍ରମା କରାଯାଇଥିଲାବେଳେ ବହୁ ବିଶିଷ୍ଟ ବ୍ୟକ୍ତି ଓ ଗ୍ରାମବାସୀ ଶେଷ ଦର୍ଶନ କରିବା ସହ ଶବ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପରେ ତାଙ୍କୁ ସାଇ ମନ୍ଦିର ସନ୍ନିକଟରେ ସମାଧି ଦିଆଯାଇଥିଲା।

# ସମବାୟ ସମିତି ନିର୍ଦ୍ଦେଶକଙ୍କୁ ସ୍ୱାଗତ



**ଡେରାବିଶ,୭।୪(ସମିସ):** ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଛତାଠାରେ ଡେରାବିଶ ବ୍ଲକରେ ନୂତନ କରି ଗଠିତ ହୋଇଥିବା ୧୨ ଗୋଟି ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଓ ପରିଚାଳନା କମିଟି ନିର୍ଦ୍ଦେଶକମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛୋଟି ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଦାମୋଦର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ବିଧାନ ଚନ୍ଦ୍ର ସାମଲ ଯୋଗଦେଇ ନୂତନ ଗଠିତ ସମବାୟ ସମିତି କୃଷି ଓ କୃଷକମାନଙ୍କ ଉନ୍ନତିରେ ସହାୟକ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସମବାୟବିତ୍ ଅମ୍ବିକା ପ୍ରସାଦ ରଥ ଯୋଗଦେଇ ଡେରାବିଶ ବ୍ଲକରେ ନୂତନ କରି ଗଠିତ ହୋଇଥିବା ୧୨ ଗୋଟି ସମବାୟ ସମିତି ଯୋଗୁ ଏହା ଅଧିନରେ ରହିଥିବା ଚାଷୀମାନେ କିପରି ଉପକୃତ ହେବେ କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଦାନପୁର ସମବାୟ ସମିତିର ସଭାପତି ପର୍ଶୁରାମ ମଲ୍ଲ ଓ ସମବାୟବିତ୍ ମଧୁସୂଦନ ଘଡେଇ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନବନିଯୁକ୍ତ ନିର୍ଦ୍ଦେଶକ ମଧୁସୂଦନ ଘଡ଼େଇ ଓ ନବଗଠିତ ୧୨ଗୋଟି ସମବାୟ ସମିତିର ସଭାପତିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ଚାଟରାଚକଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ପୂର୍ଣ୍ଣାନନ୍ଦ ବେହେରା ଅତିଥି ପରିଚୟ ପ୍ରଦାନ, ଇନ୍ଦାଳୋ ପ୍ରାଥମିକ ସମବାୟ ସମିତିର ସଭାପତି ପ୍ରଦୀପ୍ତ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ଶେଷରେ ଚାଟରାଚକଡ଼ା ସମବାୟ ସମିତିର ସଭାପତି ଶରତ ଚନ୍ଦ୍ର ମଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜନଗରରେ ବିଜେଡିର ମହାମିଳନ ପର୍ବ

**ରାଜନଗର,୭।୪(ସମିସ):** ରାଜନଗର ବ୍ଲକ ଡାଙ୍ଗମାଳସ୍ଥିତ ଉପକୂଳ ଓଡିଶାର ଅନ୍ୟତମ ପ୍ରସିଦ୍ଧ ଶକ୍ତିପୀଠ ମା'ଜୟଦୁର୍ଗା ପୀଠରେ ବିଜୁ ଜନତା ଦଳର ମହାମିଳନ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଜୁ ଜନତା ଦଳରେ ଅଂଶୁମାନ ସାମିଲ ହେବା ପରେ ତାଙ୍କ ସମର୍ଥିତ ପଞ୍ଚାୟତ ସ୍ତରର ନେତାମାନେ ଆନୁଷ୍ଠାନିକ ଭାବେ ଦଳରେ ସାମିଲ ହୋଇନଥିଲେ। ଗତକାଲି ସଂଧ୍ୟାରେ ମା'ଜୟଦୁର୍ଗାଙ୍କ ପୀଠରେ ବିଜୁ ଜନତା ଦଳର କର୍ମୀ ଓ ଦଳରେ ଯୋଗଦେଇଥିବା ଅଂଶୁମାନଙ୍କ ସମର୍ଥକମାନେ ଏକାଠି ହୋଇ ସମସ୍ତେ ବିଜୁ ଜନତା ଦଳ ପାଇଁ ଏକ ହୋଇ କାମ କରିବେ ବୋଲି ଶପଥ ନେଇଥିଲେ। ବ୍ଲକ ବିଜେଡି ସଭାପତି ନିରଂଜନ ରାଉତଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ମହାମିଳନ ପର୍ବରେ ରାଜନଗର ବ୍ଲକର ୨୯ଟି ପଞ୍ଚାୟତର ହଜାରରୁ ଅଧିକ ବ୍ଲକ ଓ ପଞ୍ଚାୟତସ୍ତରର ଛାମୁଆ କର୍ମୀ ଯୋଗଦେଇଥିଲେ। ବୈଠକରେ ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଷ ଚନ୍ଦ୍ର ଗୁଡିଆ, ଜିଲ୍ଲାପରିଷଦ ସଭ୍ୟ ଖୁକୁମିନା କୁଅଁର, ବରିଷ୍ଠ ବିଜେଡି ନେତା ସନ୍ତୋଷ କୁମାର ମହାନ୍ତି, ଦେବେନ୍ଦ୍ର କୁମାର ଜେନା,





ଲକ୍ଷ୍ମୀଧର ବାରିକ, ଅରୁଣ କୁମାର ସାହୁ, ଗୋବର୍ଦ୍ଧନ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପଢିହାରୀ, ମାଧବ ଚନ୍ଦ୍ର ମାନ୍ନା, ରଘୁନାଥ ବେହେରା, ସୁଧିର ପାଲ, ପାରେଶ୍ୱର ନାୟକ ପ୍ରମୁଖ ଏକତା, ବନ୍ଧୁତା ଓ ବିଶ୍ୱାସର ସହ ଦଳ ପାଇଁ କାମ କରିବାକୁ ଶପଥ ନେବାକୁ କହିଥିଲେ। ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଯୋଗଦେଇ ଆମ ପରିବାର ଭିତରେ ଥିବା ଲକ୍ଷ୍ମଣରେଖାର ପୂର୍ଣ୍ଣଚ୍ଛେଦ ପଡିଛି। ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବିକାଶ ଧାରାରେ ଅନୁପ୍ରାଣିତ ହୋଇ ଦୁଇ ଭାଇ ଏକ ହୋଇଛୁ। ଗୋଟିଏ ଲକ୍ଷ୍ୟ, ଗୋଟିଏ ସ୍ୱାର୍ଥ ଅଞ୍ଚଳର ବିକାଶ ବୋଲି କହିବା ସହ ରାଜନଗରରୁ ବିଜୁ ଜନତା ଦଳର ସାଂସଦ ପ୍ରାର୍ଥୀ ଓ ବିଧାୟକ ପ୍ରାର୍ଥୀ ରେକର୍ଡ ସଂଖ୍ୟକ ଭୋଟରେ ବିଜୟୀ ହେବେ ବୋଲି କହିଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ରାଜନଗରରେ ପ୍ରତ୍ୟେକ ପରିବାର ବିଜୁ ବାବୁଙ୍କୁ ଘରର ମୁରବୀ ବୋଲି ମାନନ୍ତି। ଆଜି ଯେଉଁ ପୁନର୍ମିଳନ ହୋଇଛି, ତାହା ଇତିହାସ ରଚିବା ଦରକାର। ସ୍ୱାଧିନତା ପରଠାରୁ କେହି ରାଜନଗର ମାଟିରୁ ସାଂସଦ ପ୍ରାର୍ଥୀ ହୋଇନଥିଲେ। ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଏଥିପାଇଁ କୃତଜ୍ଞତା ଜଣାଉଛି। ଆମ ମାଟିର ସ୍ୱର ଦିଲ୍ଲୀରେ ଶୁଭିବ। ଆମ ଗେହ୍ଲା ପୁଅକୁ ଦିଲ୍ଲୀ ପଠାଇବା ବୋଲି କହିବା ସହ ପ୍ରତ୍ୟେକ ବୁଥରେ ମୋ ଠାରୁ ସାଂସଦ ପ୍ରାର୍ଥୀ ଯେପରି ଖଣ୍ଡିଏ ଭୋଟ ଅଧିକ ପାଇବେ, ତାହା ଆପଣ ମାନଙ୍କ ଦାୟିତ୍ୱ ବୋଲି କହିଥିଲେ। ଡାଙ୍ଗମାଳସ୍ଥିତ ମା'ଜୟଦୁର୍ଗାଙ୍କ ଫାଟକ ନିକଟରୁ ଉଭୟ ନେତାଙ୍କୁ କର୍ମୀମାନେ ପାଛୋଟି ଆଣିଥିଲେ। ମା'ଜୟଦୁର୍ଗାଙ୍କ ପୀଠରେ ପୂଜାର୍ଚ୍ଚନା କରି ଆଶୀର୍ବାଦ ନେବା ପରେ ଉଭୟ ଦଳର କର୍ମୀଙ୍କ ମିଳନ ହୋଇଥିଲା।




## ଜଗତସିଂହପୁରରେ ବ୍ୟାପୁଛି ପିଲାଚୋରି ଗୁଜବ

# ନିରୀହ ଲୋକଙ୍କୁ ଆକ୍ରମଣ ନ କରିବାକୁ ପୁଲିସର ଚେତାବନୀ

**ଜଗତସିଂହପୁର, ୭।୪(ସମିସ)**

ଶିଶୁ ଅପହରଣ ସମ୍ପର୍କରେ ମିଥ୍ୟା ଭିଡିଓ ସୋସିଆଲ ମିଡିଆରେ ଏହି ସମୟରେ ବହୁଳ ଭାବରେ ପ୍ରସାରିତ ହେଉଛି। ଏହି ମିଥ୍ୟା ଗୁଜବକୁ ନେଇ ଲୋକମାନେ ଅତଙ୍କିତ ଅବସ୍ଥାରେ ଥିବା ସମୟରେ ଗାଁ ଗହଳିରେ ବୁଲୁଥିବା ଅଜଣା ବ୍ୟକ୍ତି ଓ ମାନସିକ ଭିନ୍ନକ୍ଷମମାନଙ୍କୁ ଲୋକମାନେ ପିଲାଚୋର ସନ୍ଦେହରେ ଆକ୍ରମଣ କରି ଆହତ କରୁଛନ୍ତି। ତେବେ ଏହା ଏକ ଅନ୍ଧବିଶ୍ୱାସ ବା ଗୁଜବ ହୋଇଥିବାରୁ ଅଞ୍ଚଳର ଲୋକମାନଙ୍କୁ ସଚେତନ କରିବାପାଇଁ ଜଗତ୍‌ସିଂହପୁର ପୁଲିସ ପକ୍ଷରୁ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଛି।



ସୂଚନା ଅନୁସାରେ, ଗତ କିଛିଦିନ ହେଲା ପିଲା ଚୋରି ସମ୍ପର୍କରେ ମିଥ୍ୟା ଭିଡିଓଗୁଡିକ ସୋଶିଆଲ ମିଡିଆରେ ଅପଲୋଡ କରାଯାଉଛି। ତେବେ ଏହି ଅପଲୋଡକାରୀଙ୍କ ବିରୋଧରେ ଆଇନ ଅନୁସାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ଥିବା ସମୟରେ ସାଇବର ପୁଲିସ ଏଦିଗରେ ବ୍ୟର୍ଥ ରହିଛି। ବିଭିନ୍ନ ଅଞ୍ଚଳରେ ଅଜଣା ବ୍ୟକ୍ତି, ଭିକାରୀ, ମାନସିକ ବିକାରଗ୍ରସ୍ତ, ପଥଭ୍ରଷ୍ଟ ଶ୍ରମିକ ଇତ୍ୟାଦିଙ୍କୁ ଦେଖି ଲୋକମାନେ ପିଲାଚୋର ବୋଲି ଭାବିବା ସହିତ ନିରୀହ ଲୋକଙ୍କୁ ଅଯଥା ମାଡ ମାରୁଛନ୍ତି। ଜିଲ୍ଲାର ଜଗତସିଂହପୁର, ଏରସମା, କୁଜଙ୍ଗ ଓ ବିରିଡି ଅଞ୍ଚଳରେ ଏପରି ଘଟଣା ଘଟୁଥିବା ସମୟରେ ଗୁରୁତର ଅବସ୍ଥାରେ ପୁଲିସ ଆହତଲୋକଙ୍କୁ ଉଦ୍ଧାର କରୁଛି।

ତେବେ ପିଲାଚୋର ସମ୍ପୂର୍ଣ୍ଣ ଭାବାରେ ଗୁଜବ ଓ ଏହି ଗୁଜବଠାରୁ ଦୂରେଇ ରହିବାକୁ ଜଗତ୍‌ସିଂହପୁର ପୁଲିସ ଜନସାଧାରଣଙ୍କ ନିକଟରେ ଅପିଲ କରିବା ସହିତ ପ୍ରତି ପଞ୍ଚାୟତର ଜନ ପ୍ରତିନିଧିମାନେ ଏ ଦିଗରେ ଲୋକଙ୍କୁ ସଚେତନ କରିବାକୁ କୁହାଯାଇଛି। ଅସୁବିଧାରେ ପଡ଼ିଥିବା ପଥଭ୍ରଷ୍ଟ ଓ ନିରୀହ ଲୋକମାନଙ୍କୁ ଦୟା କରିବା ବଦଳରେ ମାଡ ମାରି ଆହତ କରିବା ଓ ଆଇନକୁ ହାତକୁ ନନେବାକୁ ପୁଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି। ସନ୍ଦେହଜନକ ଅବସ୍ଥାରେ ଅଜଣା ଲୋକଙ୍କୁ ଦେଖିଲେ ତୁରନ୍ତ ୧୧୨ ନମ୍ବରରେ କିମ୍ବା ଥାନା ଅଧିକାରୀଙ୍କୁ କଲ୍ କରିବାକୁ କୁହାଯାଇଛି।

# ଦୁର୍ଘଟଣାରେ ଛାତ୍ର ମୃତ; ହତ୍ୟା ଅଭିଯୋଗ ଆଣିଲେ ବାପା

**ପାରାଦୀପ, ୭।୪(ସମିସ):** ଶନିବାର ବିଳମ୍ବିତ ରାତିରେ ପାରାଦୀପ ଅଞ୍ଚଳରେ ଜଣେ କଲେଜ ଛାତ୍ର ସ୍କୁଟିରେ ଫେରୁଥିବାବେଳେ ଏକ ଗଛରେ ପିଟିହୋଇ ମୃତ୍ୟୁ ଘଟିଛି। ମାତ୍ର ତାଙ୍କ ବାପା ଏହାକୁ ନେଇ ସନ୍ଦେହ କରିବା ସହ ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ ଶନିବାର ବିଳମ୍ବିତ ରାତି ପ୍ରାୟ ୧ଟା ସମୟରେ ମଧୁବନ ଏନ୍‌ଏସି ପଡ଼ିଆ ନିକଟସ୍ଥ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛରେ ପିଟିହୋଇ ୧୮ ବର୍ଷର ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଆଶୁତୋଷ ନାୟକ (୧୭)। ସେ ମଧୁବନ ସ୍ଥିତ ରାମଚରିତ ମାନସ ପଡ଼ିଆ ପାଖରେ ରହୁଥିବା ରଶ୍ମିରଞ୍ଜନ ନାୟକଙ୍କ ଏକମାତ୍ର ପୁଅ। ସେ ଚଣ୍ଡିଖୋଲରେ ଏକ ଘରୋଇ କଲେଜର ଯୁକ୍ତ ଦୁଇ ଛାତ୍ର। ନିଜ ସ୍କୁଟିରେ ଘରକୁ ଫେରୁଥିବାବେଳେ ଏନ୍‌ଏସି ପଡ଼ିଆ ରାସ୍ତା ପାଖ ଗଛରେ ପିଟି ହୋଇଯାଇଥିବା ନେଇ ସ୍ଥାନୀୟ ଲୋକେ କହୁଥିବା ବେଳେ ପୁଅକୁ କିଏ ମାରି ଦେଇଥିବା ବାପ ରଶ୍ମିରଞ୍ଜନ ଆଜି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦୁର୍ଘଟଣା ପରେ ମୁଣ୍ଡରେ ଶକ୍ତ ଆଘାତ ଲାଗି ସେ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ତାଙ୍କୁ ଅଠରବାଙ୍କୀ ମେଡିକାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଜି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ବାପାଙ୍କ ଅଭିଯୋଗ ଅନୁଯାୟୀ ପୁଲିସ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ସୁଚିତ୍ରବିର୍ଯ୍ୟ ଦାସ ସୂଚନା ଦେଇଛନ୍ତି। ଏତେ ରାତିରେ କାହା ନିର୍ଦ୍ଦେଶ ରେ ସେ କାହିଁକି ବାହାରକୁ ଯାଇଥିଲେ, ପରିବାର ଲୋକେ କାହିଁକି ବାଧା ଦେଲେନାହିଁ। ଏ ସବୁ ଦିଗକୁ ନେଇ ମଧ୍ୟ ପୁଲିସ ତଦନ୍ତ କରୁଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସମସ୍ତ ସତ୍ୟ ଘଟଣା ସାମ୍ନାକୁ ଆସିବ ବୋଲି ପୁଲିସ କହିଛି।

# ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ବାଲିକୁଦା, ୭।୪(ସମିସ):** ବାଲିକୁଦା ବ୍ଲକ ଖାଲଗାଁ ପଞ୍ଚାୟତ ଶୋଭାଠାରେ ଥିବା ଓଷକଣା ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଦ୍ୟାଳୟର ୨୮ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ପ୍ରତିଷ୍ଠିତ କୁନି ପ୍ରବଚକ କେଶବଦାସ ଦ୍ୱିତୀକୃଷ୍ଣ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସଭାପତି ଅପର୍ତ୍ତି ଚରଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଙ୍କ ସମେତ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଆରକ୍ଷୀ ନିରୀକ୍ଷକ ଯୋଗେନ୍ଦ୍ର ଚୌଧୀରି, ସମ୍ମାନିତ ଅତିଥି ଭାବେ ବାଲିକୁଦା ସଂକୁଳ ପ୍ରମୁଖ ଶିଶିର କୁମାର କାନୁନଗୋ, ସମ୍ପାଦକ ବାସୁଦେବ ରାଉତ ପ୍ରମୁଖ ଯୋଗ ଦେଇ




ଶିକ୍ଷାର ପ୍ରସାର ଓ ଆଧୁନିକ ଶିକ୍ଷାକୁ ସଂସ୍କାରିତ କରିବା କ୍ଷେତ୍ରରେ ଏହି ବିଦ୍ୟାଳୟ ଅଞ୍ଚଳରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିବା ପ୍ରକାଶ କରିଥିଲେ। ଆଚାର୍ଯ୍ୟ ଧର୍ମେନ୍ଦ୍ର ସାହୁଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟ ନମିତା ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଆଚାର୍ଯ୍ୟ ସରୋଜ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଆର୍ଚାର୍ଯ୍ୟା କୁନିଲତା ପ୍ରଧାନଙ୍କ ନେତୃତ୍ୱରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ମନୋରଞ୍ଜନ ପାଇଁ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ସମ୍ପାଦକ ବାସୁଦେବ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିବାରେ ବିଦ୍ୟାଳୟର ସମସ୍ତ ଗୁରୁମା ଗୁରୁଜୀ ସହାୟତା ପ୍ରଦାନ କରିଥିଲେ।

# ପ୍ରାଦେଶିକ ଚାରଣ ସମ୍ମିଳନୀ ଉଦ୍‌ଘାଟିତ

**ପାରାଦୀପ, ୭।୪ (ସମିସ):** ଡୁଡୁଓ୍ୱଲା ଧର୍ମଶାଳା ପରିସରରେ ୪୭ତମ ପ୍ରାଦେଶିକ ଚାରଣ ସମ୍ମିଳନୀ ଉଦ୍‌ଘାଟିତ ହୋଇଛି। ଏ ଅବସରରେ ଶିଳ୍ପ ଓ ସମାଜ ସେବା କ୍ଷେତ୍ରରେ ଇଫ୍‌କୋ ପାରାଦୀପ ୟୁନିଟ୍‌ର ନିର୍ଦ୍ଦେଶକ କେ. ଜେ. ପଟେଲଙ୍କୁ ସମ୍ମାନଜନକ ଶ୍ରୀଜଗନ୍ନାଥ ସେବା ସମ୍ମାନ ପ୍ରଦାନ କରାଯାଇଛି।



ବରିଷ୍ଠ ଦଇତାପତି ରାମଚନ୍ଦ୍ର ଦାସମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆନ୍ତର୍ଜାତିକ ଚାରଣ ଗୋଷ୍ଠୀ ଦ୍ୱାରା ଉପଦଳପତି ଡଃ ଶରତ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଶ୍ରୀଜଗନ୍ନାଥ କଥା ଗୁରୁକୂଳମ୍-ଚାରଣ ସମ୍ମିଳନୀ ଆରମ୍ଭ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ସମୂହ ବିଷ୍ଣୁ ସହସ୍ରନାମ, ପଞ୍ଚଦଶ ଅଧ୍ୟାୟ ଶ୍ରୀମଦ୍ ଭଗବତ ଗୀତା, ହନୁମାନ ଚାଳିଶା ପାଠ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ରାଧାବଲ୍ଲଭ ମଠ ମହନ୍ତ ପୂଜ୍ୟ ସନ୍ଥ ରାମକୃଷ୍ଣ ଦାସ ମହାରାଜ, ଭବାନୀ ଶଙ୍କର ମହାପାତ୍ର, କୃଷ୍ଣଚନ୍ଦ୍ର ପୂଜାପଣ୍ଡା ସାମନ୍ତ, ସେବାୟତ ଗୋପାଳ ଖୁଣ୍ଟିଆ, ଡଃ ଶରତ ମହାନ୍ତି ଓ ପଣ୍ଡିତ ପଦ୍ମନାଭ ତ୍ରିପାଠୀ ଶର୍ମା ମହାପ୍ରଭୁଙ୍କ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥଲେ। ଆନ୍ତର୍ଜାତିକ ଚାରଣ ଗୋଷ୍ଠୀର ସାଂସ୍କୃତିକ ସମ୍ପାଦକ ଡଃ ଶୁଭେନ୍ଦୁ ସ୍ୱାଇଁ ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ବରିଷ୍ଠ ଚାରଣ ପଣ୍ଡିତ ଗଣେଶ୍ୱର ପରିଡ଼ା, ବଂଶୀଧର ପରିଡ଼ା, ବିଦ୍ୟାଧର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଡଃ ଶରତ ଚନ୍ଦ୍ର ପାତ୍ର ସମସ୍ତ ଚାରଣଙ୍କୁ ଶୃଙ୍ଖଳା ଓ ଆଚରଣପୂର୍ଣ୍ଣ ଜୀବନଯାପନ ପାଇଁ ନିବେଦନ କରିଥିଲେ। ପଣ୍ଡିତ ସଦାଶିବ ରଥଶର୍ମାଙ୍କୁ ଶ୍ରଦ୍ଧା ସମ୍ମାନ ଜଣାଇବା ସହିତ ଚାରଣଗୋଷ୍ଠୀକୁ ଆନ୍ତର୍ଜାତିକ ସ୍ତରରେ ପହଞ୍ଚାଇଥିବାରୁ ବରିଷ୍ଠ ଚାରଣମାନେ ତାଙ୍କ ଗୁଣଗାନ କରିଥିଲେ।

ଏ ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କୁ ଶ୍ରୀଜଗନ୍ନାଥ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶିଳ୍ପ ଓ ସମାଜ ସେବା କ୍ଷେତ୍ରରେ ଇଫ୍‌କୋ ପାରାଦୀପ ୟୁନିଟ୍‌ର ନିର୍ଦ୍ଦେଶକ କେ. ଜେ. ପଟେଲଙ୍କୁ ଶିକ୍ଷା କ୍ଷେତ୍ରରେ, ଡଃ ପ୍ରଭୁଚରଣ ମହାନ୍ତି, ଡଃ ସୁନୀଲ ଧଳ, ଚିକିତ୍ସା କ୍ଷେତ୍ରରେ ଡଃ ସରୋଜ ଜେନା, ଡଃ ଔଜଲ୍ୟ ଜେନା, ଡଃ ହରମୋହନ ବାରିକ, ଡଃ ଜ୍ୟୋତିର୍ମୟ ନାୟକ, ସମାଜସେବା କ୍ଷେତ୍ରରେ କୋଦଣ୍ଡ ଭୂୟାଁ, ସମୀର ପରିଜା ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ମହାପ୍ରଭୁଙ୍କ ଦିବ୍ୟ ଲୀଳା କାର୍ଯ୍ୟକ୍ରମ ଶ୍ରୀଜଗନ୍ନାଥ କଥା ଗୁରୁକୂଳମ୍ ଚାରଣ ସମ୍ମିଳନୀରେ ପ୍ରାୟ ୭୦୦୦ରୁ ଅଧିକ ଚାରଣ ଯୋଗ ଦେଇଛନ୍ତି।

# କ୍ୟାରିୟରର ଫୋକସ୍ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ




**ତିର୍ତ୍ତୋଲ, ୭।୪(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ନିଶାମଣୀ ସରଣୀସ୍ଥ କ୍ୟାରିଅର ଫୋକସ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ ଯୋଗଦେଇ ଦେବାଳୟ ଅପେକ୍ଷା ବିଦ୍ୟାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବିଦ୍ୟାଳୟର ଶିକ୍ଷା ହିଁ ଆଜି ମଣିଷକୁ ସଫଳତା ଦେଇଛି। ବିଶିଷ୍ଟ ବୈଜ୍ଞାନିକ ତଥା ପୂର୍ବତନ ରାଷ୍ଟ୍ରପତି ଅବଦୁଲ କାଲାମ ଓ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦାହରଣ ଦେଇ ସଂଘର୍ଷ ଛାତ୍ରଛାତ୍ରୀଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇବ ବୋଲି କହିଥିଲେ। କାର୍ଯ୍ୟନିବାହୀ ନିର୍ଦ୍ଦେଶକ ଶଶୀଭୂଷଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ କବୟିତ୍ରୀ ଶର୍ମିଷ୍ଠା ମହାନ୍ତି ଯୋଗଦେଇ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କରିଥିଲେ। ସମ୍ମାନିତ ଅତିଥି ଶିକ୍ଷାବିତ ସଞ୍ଜମ କିଶୋର ମହାନ୍ତି, ଆଶିଷ କୁମାର ଦାସ, ପୀତାମ୍ବର ପଣ୍ଡା ଯୋଗ ଦେଇଥିଲେ। ସ୍ୱାଗତ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ନିର୍ଦ୍ଦେଶକ ହେମନ୍ତ କୁମାର ସାମଲ ବାର୍ଷିକ ବିବରଣୀ ପାଠ କରିଥିଲେ।

ଏ ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ସୁମନ୍ତ ଲେଙ୍କା, ରିନ୍ମୟ ସାହୁ, ମହେନ୍ଦ୍ର ରାଣା ଓ ପ୍ରଭାତ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିର୍ଦ୍ଦେଶକ ସୁରେଶ କୁମାର ସିଂ ଧନ୍ୟବାଦ ଦେଇଥିଲେ।

# ପୁରାତନ ମାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବୈଠକ



**ରଘୁନାଥପୁର, ୭।୪(ସମିସ):** ରଘୁନାଥପୁର ବ୍ଲକ ଅନ୍ତର୍ଗତ ଛପଡ଼ା ପଞ୍ଚାୟତ ଅଧୀନ ଗନାଇଲୋ ସ୍କୁଲର ୧୯୮୪ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବୈଠକ ତାରପୁର ବାଇପାସ୍‌ସ୍ଥ ଡାଇମଣ୍ଡ କିଙ୍ଗ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ୮୨ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପୁରସ୍କାର ପ୍ରଦାନ କରାଯାଇଥିଲା। ସୁଜାତା ମହାପାତ୍ର ଓ ସୁବାସ ଚନ୍ଦ୍ର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜଗନ୍ନାଥ ଓଝାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅନୀଲ ମହାନ୍ତି, ଶୁଭ୍ରାଂଶୁ ମହାନ୍ତି, ବୀଣାପାଣି ମହାନ୍ତି, ମିନତୀ ସେଠୀ, ପ୍ରିୟମ୍ବଦା ମହାପାତ୍ର, ବିଶ୍ୱଜିତ ମହାନ୍ତି, ସୁଜାତା ମହାନ୍ତି, ବିଚିତ୍ରାନନ୍ଦ ଦାସ, ପ୍ରବୋଧ ପାତ୍ର, ସନ୍ତୋଷ ସେଠୀ, ବିଜୟ ଦଳାଇ, ପ୍ରଦୀପ୍ତ ତ୍ରିପାଠୀ, ସୁନାଚାନ୍ଦ ପଣ୍ଡା, ଲକ୍ଷ୍ମୀପ୍ରିୟ ସ୍ୱାଇଁ, କଲ୍ୟାଣୀ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ରମଜାନ୍ ଉପଲକ୍ଷେ ରାସନ ସାମଗ୍ରୀ ବଣ୍ଟନ

**ଜଗତସିଂହପୁର, ୭।୪(ସମିସ):** ପବିତ୍ର ରମ୍‌ଜାନ ପର୍ବ ପାଳନ ଉପଲକ୍ଷେ, ପାରାଦୀପ ପରିବହନ ପ୍ରାଇଭେଟ୍ ଲିମିଟେଡ ଆନୁକୂଲ୍ୟରେ ରାସନ ସାମଗ୍ରୀ ବଣ୍ଟନ କରାଯାଇଛି। ଏହାର ପରିଚାଳନା ନିର୍ଦ୍ଦେଶକ ଖାଲିଦ ଖାଁ ଙ୍କ ମାର୍ଗଦର୍ଶନରେ ଓ ଜିଏମ୍ ଅପରେସନ ବିଭାଗୀୟ ଅଧିକାରୀ ଫଜୁରୁଲ ରହେମନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାର ତିର୍ତ୍ତୋଲ ବ୍ଲକ ଅଧିନ ବିରିତୋଲ ପଞ୍ଚାୟତ ଅନ୍ତର୍ଗତ ରସୁଲପୁରଠାରେ ଅଞ୍ଚଳର ଶତାଧିକ ଅସହାୟ ଗରିବ ପରିବାରର ଲୋକମାନଙ୍କୁ ଏହି ରାସନ ସାମଗ୍ରୀ ପ୍ୟାକେଟ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ବଣ୍ଟନ କାର୍ଯ୍ୟକ୍ରମରେ ଶେଖ୍ ତମିଜ୍ ଉଦ୍ଦିନ, ଶେଖ୍ ଅଖିତ୍ ଉଦ୍ଦିନ୍, ଶେଖ୍ ତହୁର ଅଲ୍ଲୀ ଓ ଗୁଲାମ ରବାନି ପ୍ରମୁଖ ଏଥିରେ ସକ୍ରିୟ ସହଯୋଗ କରିଥିଲେ।



## ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ଗୋରଖନାଥ ଓ ଶାରଳା ଦର୍ଶନ

# ବିଶାଳ ଶୋଭାଯାତ୍ରା କରି ଦମ୍ ଦେଖାଇଲେ

**ରଘୁନାଥପୁର, ୭।୪(ସମିସ)**

ଜଗତସିଂହପୁର ବିଜେଡି ସାଂସଦ ପ୍ରାର୍ଥୀ ଡ. ରାଜଶ୍ରୀ ମଲ୍ଲିକ ଓ ତିର୍ତ୍ତୋଲ ବିଧାୟକ ପ୍ରାର୍ଥୀ ରମାକାନ୍ତ ଭୋଇ ରବିବାର ବାବା ଗୋରଖନାଥ ଓ ମା' ଶାରଳାଙ୍କୁ ଦର୍ଶନ କରିବା ସହ ବିଶାଳ ଶୋଭାଯାତ୍ରା କରି ଦମ୍ ଦେଖାଇଛନ୍ତି। ରଘୁନାଥପୁର ବିଜେଡି ପକ୍ଷରୁ ଆଜି ସ୍ଥାନୀୟ ବିଜୁ ପଟ୍ଟନାୟକ ଛକ ନିକଟରେ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅପରାହ୍ନରେ ଦୁଇ ପ୍ରାର୍ଥୀ ରଘୁନାଥପୁର ବଜାରରେ ବିଜେଡି ସମର୍ଥଙ୍କ ଗହଣରେ ଏକ ବିଶାଳ ଶୋଭାଯାତ୍ରାରେ ଆସି ପ୍ରଥମେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପରେ ଭୂମୀପୁତ୍ର ବିଜୁ ପଟ୍ଟନାୟକ ଓ ଶେଷରେ ପୂର୍ବତନ ମନ୍ତ୍ରୀ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇଥିଲେ। ଏହି ଅବସରରେ ତାଙ୍କ ସହିତ ରଘୁନାଥପୁର ବିଜେଡି ସଭାପତି



ଦେବାଶିଷ ତ୍ରିପାଠୀ, ଜିଲ୍ଲା ଉପସଭାପତି ସରୋଜ କାନ୍ତ ସ୍ୱାଇଁ, ଜିଲ୍ଲା ଯୁବ ବିଜେଡ଼ି ସମ୍ପାଦକ ମାନସ ରଞ୍ଜନ ଦାସ, ବିଜେଡ଼ି ଯୁବନେତା ଅନ୍ତର୍ଯ୍ୟାମୀ ଶ୍ୟାମଲ, ପୂର୍ବତନ ସରପଞ୍ଚ ସରୋଜ ଦାସ, ଅଢେଇକୁଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶେଷଦେବ ସେଠୀ, ତଅଁରା ବିଜେଡ଼ି ଯୁବନେତା ଶ୍ରୀନିବାସ ନାୟକ, ମେହେବୁବ ବେଗ, ତାରପୁର ସରପଞ୍ଚ ସୁଷମା ମଲ୍ଲିକ, ସମିତିସଭ୍ୟ ପୂଜାଲତା ଦାସ, ବିଜେଡ଼ି ଯୁବନେତା ଅନ୍ତର୍ଯ୍ୟାମୀ ରାଉତ, ଛପଡ଼ା ସରପଞ୍ଚ ଅମିତ ଖୁଣ୍ଟିଆ, ସମିତିସଭ୍ୟ ରଞ୍ଜନ ସ୍ୱାଇଁ, ବିଜେଡ଼ି ଯୁବନେତା ଚଗଲା ଜେନା, ବିଜେଡ଼ି ନେତା ରହିମ ଖାଁ, ଜଗନ୍ନାଥପୁର ସରପଞ୍ଚ ଜଗବନ୍ଧୁ ମଲ୍ଲିକ, ତିର୍ତ୍ତୋଲ ବିଜେଡ଼ି ନେତା ବସନ୍ତ ମହାପାତ୍ର, ପୂର୍ବତନ ରଘୁନାଥପୁର ବ୍ଲକ ଅଧ୍ୟକ୍ଷ ରଜତ ପାତ୍ର, ସମିତିସଭ୍ୟ ବିଶ୍ୱଜିତ ଦାଶ, ବିଜେଡି ନେତା ଚନ୍ଦ୍ରକାନ୍ତ ପଣ୍ଡା, ଅମୂଲ୍ୟ ମହାନ୍ତି, ବିଜେଡ଼ି ଯୁବନେତା ପ୍ରକାଶ ମଲ୍ଲିକ, ତିର୍ତ୍ତୋଲ ନିର୍ବାଚନ ମଣ୍ଡଳସ୍ତରୀୟ ବିଜେଡ଼ି ଯୁବନେତା ପୁଷ୍ପକ ସାହୁ, ପୂର୍ବତନ ସରପଞ୍ଚ ବିଜନ ମହାପାତ୍ର, ଶିକ୍ଷାବିତ ସୁରେଶ ରାଉତ, ରେଡୁଆ ସରପଞ୍ଚ କିଶୋର ବେହେରା, ତଅଁରା ସରପଞ୍ଚ ବଟକୃଷ୍ଣ ନାୟକ, ଡଃ ସୁରେନ୍ଦ୍ରେ ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ଡେଜାଲିନ ମହାପାତ୍ର, ପାଲିତ, ବିଜେଡି ନେତା ଦିବାକର ଖଟୁଆ, ପୁରୁଷୋତ୍ତମ ଦାସ, ଭଗବାନ ସ୍ୱାଇଁ, ନିହାର ରଂଜନ ସାହୁ, ଧରାଧରପୁର ନେତ୍ରୀ ଶ୍ରୋତସ୍ୱିନୀ ସିଂ, ତରିକୁନ୍ଦ ସରପଂଞ୍ଚ ବନମାଳୀ ସାହୁ, ସମିତିସଭ୍ୟ ସ୍ୱଦେଶ ଦାସଙ୍କ ସମେତ ୫୦୦ରୁ ଉର୍ଦ୍ଧ୍ୱ ବିଜେଡି



ଜିଲ୍ଲାପରିଷଦ ସଦସ୍ୟା ରୀନାବାଳା ମଲ୍ଲିକ, ଇତିଶ୍ରୀ ମଲ୍ଲିକ, ମହିଳା ନେତ୍ରୀ ଶାନ୍ତିଲତା ଦ୍ୱିବେଦୀ, ପ୍ରତାପ ପଟ୍ଟନାୟକ, ଗୌତମ ସରପଞ୍ଚ ନଳିନୀପ୍ରଭା ମୁଦୁଲି, ପୁରଣ ଓଡପଡ଼ା ସରପଞ୍ଚ ଶିବରାମ ସାହୁ, ଜଇଶୋଳ ସରପଞ୍ଚ ମମତା ମଲ୍ଲିକ, ଛାତ୍ର କର୍ମୀ ଯୋଗ ଦେଇଥିଲେ। ଉଭୟ ପ୍ରାର୍ଥୀ ଗୋରେଖନାଥ ଓ ଶାରଳା ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ।

ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କଲେ ଗ୍ରାମବାସୀ

# ସୀମା ନିର୍ଦ୍ଧାରଣ ନାଁରେ ଜୁଲମ କରୁଛି ତହସିଲ ପ୍ରଶାସନ

କେନ୍ଦ୍ରାପଡ଼ା, ୭।୪(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ତହସିଲର ଖାମଖିଆଲି ନୀତି ସୀମା ନିର୍ଦ୍ଧାରଣରେ ବାଧକ ହେଉଥିବାରୁ ଦଶମୌଜାର ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି। ଦୀର୍ଘଦିନର ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ଅଞ୍ଚଳର ଲୋକମାନେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗତ ୨ବର୍ଷ ଧରି ରାଜକନିକା ତହସିଲ ଅଧିନ ଆୟତନ ରାଜସ୍ୱ ସର୍କଲର ବନ୍ଦପାଳ, ତରପଦା, ଗଜରାଜପୁର, କାଟଣାବଣିଆଁ, କୋଇଲିପୁର ଓ ଓଲାଭର ରାଜସ୍ୱ ସର୍କଲର ଦେଉଳସାହି ଏବଂ ପେଗରପଡ଼ା ରାଜସ୍ୱ ସର୍କଲର ଗଞ୍ଜା, ପଙ୍କି, ନୂଆଗାଁ ଏବଂ ବଳରାମପୁର ପ୍ରଭୃତି ୧୦ଟି ମୌଜାର ସୀମା ନିର୍ଦ୍ଧାରଣ ଚାଲିଥିବାରୁ ସେହି ଅଞ୍ଚଳର ଅଧିବାସୀଙ୍କ ଜମି କିଣାବିକା ବନ୍ଦ ହୋଇଯିବା ସହିତ ଦାଖଲ ଖାରଜ ମାମଲାକୁ ମଧ୍ୟ

**କିଣା ବିକା ହୋଇପାରୁନି ଜମି; ଲୋକେ ହନ୍ତସନ୍ତ**

ବନ୍ଦ ରଖାଯାଇଛି। ଏସମ୍ପର୍କରେ କନିକା ତହସିଲଦାର କନିକାର ଉପନିବନ୍ଧକଙ୍କୁ ସେସବୁ ଅଞ୍ଚଳରେ କୌଣସି କିଣାବିକା ଦଲିଲ ନକରିବା ପାଇଁ ପତ୍ରସଂଖ୍ୟା ୪୮୦୩ ତା ୧୯.୧୨.୨୦୨୨ରିଖରେ ଜଣାଇ ଦେଇଛନ୍ତି। ଫଳରେ ସେହିସବୁ ଅଞ୍ଚଳରେ ଲୋକମାନେ ଝିଅବିବାହ, ଜରୁରୀ ଚିକିତ୍ସା, ପିଲାମାନଙ୍କ ପାଠପଢ଼ା ଖର୍ଚ୍ଚ ପ୍ରଭୃତି ତୁଲାଇବା ସହ ଜରୁରୀ ଆବଶ୍ୟକତା ପୂରଣ ନିମନ୍ତେ ଜମି କିଣାବିକା କରିନପାରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇ ହନ୍ତସନ୍ତ ହେଉଛନ୍ତି। ଏସମ୍ପର୍କରେ ପୂର୍ବତନ ଜିଲ୍ଲାପାଳଙ୍କୁ ସମ୍ପୃକ୍ତ ଅଞ୍ଚଳର ଅଧିବାସୀମାନେ ଜଣାଇବା ପରେ ତତ୍କାଳୀନ ଜିଲ୍ଲାପାଳ ଦୁଇଜଣ କର୍ମଚାରୀଙ୍କୁ କନିକା ତହସିଲକୁ ଏହି କାର୍ଯ୍ୟ ନିମନ୍ତେ ଡେପୁଟେସନରେ ପଠାଇଥିଲେ। କିନ୍ତୁ ଅଦ୍ୟାବଧି କନିକା ତହସିଲ ପକ୍ଷରୁ ବିଭିନ୍ନ ଆଳରେ ସୀମାନିର୍ଦ୍ଧାରଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଯାଇନାହିଁ। ଫଳରେ ଅଞ୍ଚଳବାସୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା କନିକା ଓକିଲ ସଙ୍ଘ ସଭାପତି ବୀରେନ କୁମାର ଜେନା, ଉପସଭାପତି ଅଶୋକ କୁମାର ସାମଲ, ସମ୍ପାଦକ ସୁକାନ୍ତ କୁମାର ଜେନା, ବରିଷ୍ଠ ଆଇନଜୀବୀ ଖଗେଶ୍ୱର ନାୟକ, ମାନବଧିକାର କର୍ମୀ ନଳିନୀ ପୃଷ୍ଟି ପ୍ରମୁଖ ଅଞ୍ଚଳବାସୀ ଅଭିଯୋଗ କରିବା ସହିତ ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ପଟ୍ଟାମୁଣ୍ଡାଇ, ୭।୪(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଚଢ଼େଇଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିଶ୍ଚନ୍ଦ୍ର ଅଧିକାରୀ ଅବସର ଗ୍ରହଣ କରିଥିବାରୁ ତାଙ୍କୁ ବିଦ୍ୟାଳୟ କମିଟି ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପୂର୍ବତନ ସିଆରସିସି ଉମାକାନ୍ତ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ସ୍ୱପ୍ନେଶ୍ୱର ଆଞ୍ଚଳିକ ସାଧାନକେନ୍ଦ୍ର ସଂଯୋଜକ ଲୋକନାଥ ନାୟକ ମୁଖ୍ୟଅତିଥି, ପ୍ରାକ୍ତନ ବ୍ୟାଙ୍କ ପରିଚାଳକ ମାଗୁଣି ଚରଣ ସ୍ୱାଇଁ, ପ୍ରାକ୍ତନ ସିଆରସିସି ଜଗତାନନ୍ଦ ଦାଶ, ପ୍ରାକ୍ତନ ଶିକ୍ଷକ ରତ୍ନାକର ପାଇଟାଳ, ଦୋଷିଆ ସରପଞ୍ଚଙ୍କ ପ୍ରତିନିଧି ଗୌରାଙ୍ଗ ସ୍ୱାଇଁ, ସଭ୍ୟା ପ୍ରତିନିଧି ପ୍ରଦୀପ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷକ ଶ୍ରୀ ଅଧିକାରୀଙ୍କ ଗୁଣଗାନ କରିବା ସହିତ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ବିଦାୟୀ ଶିକ୍ଷକ ହରିଶ୍ଚନ୍ଦ୍ର ଅଧିକାରୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ଗୌରୀପ୍ରିୟା ଦାସ ଧନ୍ୟବାଦ ଦେଇଥିଲେ। ଶେଷରେ ଶ୍ରୀ ଅଧିକାରୀଙ୍କୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ପରିକ୍ରମା କରାଯାଇଥିଲା।

## ଶାନ୍ତିଲତା ବାରିକ ଛୋଟରାୟଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି



କେନ୍ଦ୍ରାପଡ଼ା, ୭।୪(ସମିସ): ବାରୁଅସ୍ଥ ଭାବଗ୍ରାହୀ କଳା ନିକେତନ ଓ ରେଡିଓ ଭାବଗ୍ରାହୀର ମିଳିତ ଆନୁକୂଲ୍ୟରେ ଅନୁଷ୍ଠାନର ଅକ୍ଷୟ ମହାନ୍ତି କକ୍ଷରେ ଓଡିଆ ଭକ୍ତି ସଙ୍ଗୀତ ଜଗତର ପ୍ରଥିତଯଶା କଣ୍ଠଶିଳ୍ପୀ ଭଜନ ସାମ୍ରାଜ୍ଞୀ ସ୍ୱର୍ଗୀୟା ଶାନ୍ତିଲତା ବାରିକ ଛୋଟରାୟଙ୍କ ଉଦ୍ଦେଶ୍ୟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସମାରୋହ ଅନୁଷ୍ଠିତ ହୋଇଯାଇଛି। କଳା ନିକେତନର ପ୍ରତିଷ୍ଠାତା ସମ୍ପାଦକ ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାଧାପକ ପ୍ରଶାନ୍ତ କୁମାର ପାଣି, ମୁଖ୍ୟବକ୍ତା ଭାବେ ପଣ୍ଡିତ ପଦ୍ମନାଭ ଦାଶ, ସମ୍ମାନିତ ଅତିଥି ଭାବେ ସମବାୟବିତ୍ ସୁଶୀଲ କୁମାର ସାମଲ, ବାଣୀ ବିନୋଦ ସାହିତ୍ୟ ସେବା ନିକେତନର ସଭାପତି ନିରଞ୍ଜନ ପରିଡ଼ା ଓ ଉପସଭାପତି ହରିଶ୍ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତା ଶାନ୍ତିଲତାଙ୍କ ନିରଳସ ସଙ୍ଗୀତ ସାଧନା ସମ୍ପର୍କରେ ଆଲୋଚନା କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଆରମ୍ଭରେ ପ୍ରଦୀପ ପ୍ରଜ୍ୱଳନ, ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ ସହିତ ଅମର ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ରୂପାଲି ସୂତାର, ଭାଗ୍ୟଲକ୍ଷ୍ମୀ ପରିଡ଼ା ଓ ରାଜଲକ୍ଷ୍ମୀ ପରିଡ଼ା ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଗାନ କରିଥିଲେ। ଗୀତିକାର ବିମଳ ପରିଡ଼ା ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ ଓ ସ୍ମୃତିଚାରଣ କରିବା ସହିତ ପୂଜ୍ୟପୂଜାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତୀର୍ଥର ସଭାପତି ଅମର ପ୍ରସାଦ ରାଉତ, ଗ୍ରାମ୍ୟ ଉନ୍ନୟନ ସାଂସ୍କୃତିକ ଯୁବ ସଂଗଠନର ସମ୍ପାଦକ ଚିତ୍ତରଞ୍ଜନ ପ୍ରଧାନ, ନାଟ୍ୟ ନିର୍ଦ୍ଦେଶକ ଭୀମସେନ ପ୍ରଧାନ, ସଙ୍ଗୀତଜ୍ଞ ବିଷ୍ଣୁଚରଣ ବାରିକ, ଅଭିନେତା ଦିଲ୍ଲୀପ ବାରିକ, କେଦାର ସ୍ୱାଇଁ, ନୃତ୍ୟଶିଳ୍ପୀ ଶ୍ରାବଣୀ ସେଠୀ, କଣ୍ଠଶିଳ୍ପୀ ସୁରେନ୍ଦ୍ର ରାଉତ, ସ୍ୱେଚ୍ଛାସେବୀ ଜୀବନ ପ୍ରଦୀପ ଜେନା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ଡାକ୍ତରଙ୍କ ଘରୁ ଚୋରି

ଓଳାଭର, ୭।୪(ସମିସ): ରାଜକନିକା ବ୍ଲକ ଅନ୍ତର୍ଗତ ଓଳାଭର ସନ୍ନିକଟ ବାଲିସାହିଠାରେ ପ୍ରାକ୍ତନ ଡାକ୍ତର ଶ୍ୟାମା ପ୍ରସାଦ ନାୟକଙ୍କ ଘରୁ ଚୋରି ହୋଇଥିବା ରାଜକନିକା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁସାରେ ଡାକ୍ତର ଶ୍ୟାମାପ୍ରସାଦ ଦୁଇ ଦିନ ତଳେ ସପରିବାରେ ଭୁବନେଶ୍ୱରରେ ଥିବାବେଳେ ଗତକାଲି ବିଳମ୍ବିତ ରାତିରେ ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଚୋରି କରିଛନ୍ତି। ରବିବାର ସକାଳେ ଜଣେ ବ୍ୟକ୍ତି ଫୁଲ ତୋଳିବାକୁ ଆସି ପ୍ରଥମେ ଘରର ପଛପାଖ ଝରକା ଭଙ୍ଗା ଯାଇଥିବା ଦେଖିଥିଲା। ଏ ସମ୍ପର୍କରେ ତୁରନ୍ତ ଡାକ୍ତରଙ୍କୁ ଫୋନ୍ ଯୋଗେ ଅବଗତ କରାଯିବା ପରେ



ଡାକ୍ତର ସପରିବାରେ ପହଞ୍ଚି ଅନୁଧ୍ୟାନ କରିଥିଲେ। ତେବେ ଚୋରମାନେ ଝରକା ତାଡ଼ି ଘରେ ଥିବା ସୁନା ଅଳଙ୍କାର ସହିତ ନଗଦ ଟଙ୍କା ଲୁଟି ନେଇଥିବା ରାଜକନିକା ଥାନାରେ ଡାକ୍ତରଙ୍କ ପକ୍ଷରୁ ଲିଖିତ ଅଭିଯୋଗ ହୋଇଛି। ଥାନାଧିକାରୀ ପହଞ୍ଚି ତଦନ୍ତ ତଦନ୍ତ କରୁଛନ୍ତି। ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ମଧ୍ୟ ଉପସ୍ଥିତ ରହି ତଦନ୍ତକୁ ଅନୁଧ୍ୟାନ କରୁଥିବା ଦେଖିବାକୁ ମିଳିଥିଲା। କେନ୍ଦ୍ରାପଡ଼ାରୁ ଆସିଥିବା ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ପୁଲିସ୍ ତଦନ୍ତକୁ ତ୍ୱରାନ୍ୱିତ କରୁଛି। ତେବେ ରାଜକନିକା ଅଞ୍ଚଳରେ ଦିନକୁ ଦିନ ବଢୁଥିବା ଏଭଳି ଚୋରି ଘଟଣାରେ ଆତଙ୍କ ଖେଳାଇଛି।

## ଡାଲୁଅ ଧାନ ଖାଇଯାଉଛନ୍ତି ଚଢ଼େଇ

ରାଜକନିକା, ୭।୪(ସମିସ): ଡ଼ାଲୁଅ ଧାନ ଖାଇ ଯାଉଛନ୍ତି ଟିକି ଟିକି ଚଢେଇ। ହଜାର ହଜାର ସଂଖ୍ୟାରେ ଏହି ଚଢେଇ ଉଡି ବୁଲୁଥିବା ବେଳେ କ୍ଷେତରେ ପଡ଼ି ଶହ ଶହ ଏକର ପାଚିଥିବା ଧାନ କେଣ୍ଡାକୁ ଖାଇ ଚାଲିଛନ୍ତି। ଉପାୟ ଶୂନ୍ୟ ହୋଇ ଆକାଶକୁ ଚାହିଁଛି ଚାଷୀ ବାପୁଡ଼ା। ବର୍ଷକର ଅମଳକୁ ଚଢେଇ ମୁହଁରୁ ବଞ୍ଚାଇବାକୁ



ହୁରୁଡ଼ା ମାରି, ବାଜା ବଜେଇ, ଘଣ୍ଟ ପିଟି, ଟିଣ ଢଙ୍ଗ ଢଙ୍ଗ କରି ଚାଷୀ ପରିବାର ଦିନ ତମାମ ଧାନ ବିଲରେ ଡେରା ପକାଉଛି। ଏ ଘଟଣା ସ୍ଥାନୀୟ ଚାଷୀଙ୍କ ମନରେ ହତାଶ ଖେଳାଇ ଦେଇଛି। ରାଜକନିକା ବ୍ଲକ ହାଟସାହି, ପେଗରପଡ଼ା, ନହୁଣୀ, ସିହୋପଡ଼ା, ଅବଦୁଲପୁର ପଞ୍ଚାୟତର ହଜାର ହଜାର ଏକର ଡ଼ାଲୁଅ ଧାନ ବିଲରେ ଏବେ ଚରି ଚାଲିଛନ୍ତି ଏହି ଟିକି ଟିକି ଚଢେଇ। ଦେଖିବାକୁ ଆକାରରେ ବହୁ ଛୋଟ ଲାଗୁଥିବା ଏହି ଚଢେଇ ମାଟିଆ ରଙ୍ଗର ଓଜନରେ ୫୦ରୁ ୬୦ ଗ୍ରାମ ଭିତରେ ରହୁଥିବା ଏହି ଚଢେଇ ଦଳ ଦଳ ହୋଇ ଅତି କ୍ଷୀପ୍ର ଗତିରେ ଧାନ ବିଲରେ ପଶି କେଣ୍ଡାରୁ ଧାନ ଛାଟି ଖାଇବା ଚାଷୀଙ୍କୁ ଅସ୍ତବ୍ୟସ୍ତ କରି ପକାଇଛି। ଖରାଦିନେ କାଳ ବୈଶାଖୀ, ଝଡ଼, ତୋଫାନ, କୂଆ ପଥର ଭଳି ସମସ୍ୟାକୁ ବୁଝିଥିବା ଚାଷୀ ଚଢେଇଙ୍କ ଧାନ ନଷ୍ଟରୁ କେମିତି ମୁକ୍ତି ପାଇବେ ଏବେ ସେଇ ଚିନ୍ତାରେ ଘାରି ହେଉଛି। ଅଦିନେ ଧାନ ଅମଳ କରିବାର ବ୍ୟସ୍ତତାକୁ ଆଉ ଟିକେ ବିପଦ ମୁହାଁ କରିଥିବା ଚଢେଇ ପଲକୁ କେମିତି ଅଟକାଯିବ ସେ ବିଷୟରେ ପ୍ରାଣୀ ସମ୍ପଦ ବିଭାଗ ଓ କୃଷି ବିଭାଗ ନଜର କରିବାକୁୟ କ୍ଷତିଗ୍ରସ୍ତ ଚାଷୀମାନେ ଗୁହାରି କରିଛନ୍ତି।

## ନିଆଁ ଲଗାଉଛନ୍ତି ଦୁର୍ବୃତ୍ତ; ଲୋକେ ଭୋଗୁଛନ୍ତି ଦୁର୍ଦ୍ଦଶା

ରାଜକନିକା, ୭।୪(ସମିସ): ସାମାଜିକ ଉତ୍ତର ଦାୟିତ୍ୱ ନ ଥାଇ ଅସାମାଜିକ ବ୍ୟକ୍ତିଙ୍କ ନିଆଁ ଲଗା ପ୍ରତିଯୋଗିତା ଯୋଗୁ ସାରା କନିକା ଏବେ ଧୂଆଁମୟ। ଖରାର ଧୂଆଁର ତାପରେ ସାରା ରାଜକନିକାର ସବୁ ରାସ୍ତା ପାଖର ଲଗାଯାଇଥିବା ଗଛ ଜଳିବାରେ ଲାଗିଛି। ପୋଡି ଯାଉଛି ବିଭିନ୍ନ ସରୀସୃପ ଓ ପ୍ରାଣୀଙ୍କ ବସା ଘର, କଲବଲ କାର୍ଯ୍ୟ। ଲୁଚିଛପି ନିଆଁ ଲଗାଇବାର ତାମସିକତା ଚାଲିଛି କନିକାରେ। ସ୍ଥିତି ଏମିତି ହୋଇଛି ଧୂଆଁ ଧାସରେ ରାସ୍ତାଘାଟ ଦେଖା ଯାଉନାହିଁ। ଏମିତି ଏକ



ପ୍ରଚଣ୍ଡ ତାତିରେ ସବୁଠି ନାଳ, ପୋଖରୀ, ଗାଡିଆରେ ପାଣି ଶୁଖି ଯାଉଥିବାବେଳେ ଏହି ସମୟରେ ନିଆଁ ଲଗାଇବାର ଧାରା ସବୁଠି ଦେଖିବାକୁ ମିଳିଛି। ନିଆଁ ହେଉଛନ୍ତି ଜୀବଜନ୍ତୁ। ଏମିତି ଏକ ରୁଗ୍‌ଣ ମାନସିକତାର ପ୍ରଭାବ ଯୋଗୁ ସବୁଠି ନିଆଁ ଆଉ ଧୂଆଁର ପରିବେଶ। ଦିନର ତାତି ବଢ଼ିବା ସହ ବଢୁଛି ଏସବୁ ଅପରାଧିକ ସଂକଟଜନକ ସ୍ଥିତିରେ ସ୍ଥାନୀୟ ପୁଲିସ, ଅଗ୍ନିଶମବାହିନୀ ଓ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଲେ ଏଭଳି ସାମାଜିକ ଅପରାଧ ରୋକି ହେବ ବୋଲି ମତପ୍ରକାଶ ପାଇଛି।

## ୯ରୁ ରାମଚରିତ ମାନସ ଜ୍ଞାନଯଜ୍ଞ

ପଟ୍ଟାମୁଣ୍ଡାଇ, ୭।୪(ସମିସ): ପଟ୍ଟାମୁଣ୍ଡାଇରେ ରାମଚରିତ ମାନସ ପ୍ରବଚନ ଜ୍ଞାନଯଜ୍ଞ ଆସନ୍ତା ୯ରୁ ୧୭ ତାରିଖ ପର୍ଯ୍ୟନ୍ତ ୯ ଦିନ ବ୍ୟାପି ଅନୁଷ୍ଠିତ ହେବ। ଏହାକୁ ସଫଳ କରିବା ପାଇଁ ବଣିକ ସଂଘ ଓ ମାନସ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଣିକ ସଂଘ ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ, ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା, ସହସମ୍ପାଦକ ସରୋଜ ପାଢ଼ୀ, କୋଷାଧ୍ୟକ୍ଷ ପର୍ଶୁରାମ ଷଣ୍ଢ, ଉପଦେଷ୍ଟା କିରଣ ଭୂୟାଁ, ଚତୁର୍ଭୁଜ ରାଉଳ, ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ଅଚ୍ୟୁତାନନ୍ଦ ଜେନା, ହରେକୃଷ୍ଣ ସାହୁ, ସମ୍ବିତ ଦାଶ, ଲକ୍ଷ୍ମୀପ୍ରିୟା ପାଢ଼ୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଆସନ୍ତା ୯ ତାରିଖରେ ଆରମ୍ଭ ହେଉଥିବା ଶ୍ରୀରାମଚରିତ ମାନସ ଓ ପ୍ରବଚନ ଜ୍ଞାନଯଜ୍ଞକୁ ପଟ୍ଟାମୁଣ୍ଡାଇ ରାଧାରମଣ ମଠ ମହନ୍ତ ଅସୀମାନନ୍ଦ ଦାସ ମହାରାଜ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଥିବାବେଳେ ଓଡ଼ିଶାର ପ୍ରସିଦ୍ଧ ପ୍ରବଚକ ଯୋଗଦେବେ।

## ଦୁଇ ଶିକାରୀ ଗିରଫ ଫାଶ; ତେଣ୍ଟା ଜବତ



ରାଜନଗର, ୭।୪(ସମିସ): ଭିତରକନିକା ଜାତୀୟ ଉଦ୍ୟାନର ବରୁଣେଇ ଫରେଷ୍ଟ ବ୍ଲକ ଅଞ୍ଚଳରେ ବାର୍ହା ଶିକାର ପାଇଁ ଫାଶ ବସାଇଥିବା ୨ ଶିକାରୀଙ୍କୁ ବନ କର୍ମଚାରୀମାନେ ଗିରଫ କରିଛନ୍ତି। ବରୁଣେଇ ଫରେଷ୍ଟ ବ୍ଲକର ଯୋଗୀନାଥ ନିକଟରେ ଶିକାରୀମାନେ ବାର୍ହା ଶିକାର ପାଇଁ ଫାଶ ବସାଇଥିବା ବନବିଭାଗକୁ ଖବର ମିଳିଥିଲା। ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପିନାଥ ଯାଦବଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ସବିତା ବେହେରା, ଦୁର୍ଯ୍ୟୋଧନ ଦାସ, ରତ୍ନାକର ବିଶ୍ୱାଳ, ଅଞ୍ଜନ ମହାନ୍ତି, କଳାକାର ବେହେରା ପ୍ରମୁଖ ବନକର୍ମଚାରୀମାନେ ଗତକାଲି ରାତି ପ୍ରାୟ ସାଢେ ୩ଟା ବେଳେ ଚଢଉ କରି ଜଙ୍ଗଲ ଭିତରୁ ବ୍ରାହ୍ମଣସାହି ଗାଁର ନିର୍ମଳ ଜେନା ଓ ଅଭିମନ୍ୟୁ ବେହେରାଙ୍କୁ ଗିରଫ କରିଥିଲେ। ସେମାନଙ୍କ ଠାରୁ ୪ଟି ଫାଶ, ଗୋଟିଏ ତେଣ୍ଟା, ଦୁଇଟି କଟୁରୀ ଓ ଦୁଇଟି ଲାଠି ଜବତ କରାଯାଇଛି। ୧୯୭୨ ବନ୍ୟପ୍ରାଣୀ ଆଇନରେ ଗିରଫ କରି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## କଚେରୀଡିହ ଭଗବତୀ ମନ୍ଦିର ପାଖ ନଳକୂପ ଅଚଳ



କେନ୍ଦ୍ରାପଡ଼ା, ୭।୪(ସମିସ): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଚକ୍ରୋଡା ଗ୍ରାମ ପଞ୍ଚାୟତର କଚେରୀଡିହ(ତରାପୁର)ସ୍ଥିତ ମା'ଭଗବତୀଙ୍କ ମନ୍ଦିର ନିକଟ ରାସ୍ତା କଡରେ ଥିବା ନଳକୂପଟି ପ୍ରାୟ ୬ମାସ ହେବ ଅଚଳ ହୋଇପଡ଼ିଥିବା ବେଳେ ସେହି ନିକଟରେ ଥିବ ଜଳ ଯୋଗାଣ ପ୍ରକଳ୍ପର ଷ୍ଟାଣ୍ଡଟି ମଧ୍ୟ ଭାଙ୍ଗିରୁଜି ଯାଇଛି। ଫଳରେ ଦୈନନ୍ଦିନ ସେହି ମନ୍ଦିରକୁ ଯାଉଥିବା ଓ ସେହି ବାଟଦେଇ ଯାତାୟତ କରୁଥିବା ଶହ ଶହ ସଂଖ୍ୟାରେ ଲୋକ ପିଇବା ପାଣି ଟୋପେ ପାଇଁ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏସମ୍ପର୍କରେ ସ୍ଥାନୀୟ ଅଧିବାସୀମାନେ ଚକ୍ରୋଡା ପଞ୍ଚାୟତର ସରପଞ୍ଚ ଓ କେନ୍ଦ୍ରାପଡ଼ା ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ ଅଦ୍ୟାବଧି ସେହି ସମସ୍ୟାର ନିରାକରଣ ହୋଇପାରିନି। ଏବେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଫଳରେ ସେହି ରାସ୍ତା ଦେଇ ଯାଉଥିବା ଯାତ୍ରୀଙ୍କ ସମେତ ମା'ଙ୍କ ମନ୍ଦିରକୁ ଯାଉଥିବା ଭକ୍ତ ଓ ଶ୍ରଦ୍ଧାଳୁମନେ ପାଣି ଟୋପେ ପାଇଁ ତହଳବିକଳ ହେଉଛନ୍ତି। ଏନେଇ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

ଅରବିନ୍ଦଙ୍କ ନେତୃତ୍ୱରେ ମିଶ୍ରଣ ପର୍ବ

## ବିଜେଡିରେ ମିଶିଲେ ଶତାଧିକ ବିଜେପି କର୍ମୀ



କେନ୍ଦ୍ରାପଡ଼ା, ୭।୪(ସମିସ): ଡେରାବିଶ୍ ବ୍ଲକ ଚାନ୍ଦୋଳ ପଞ୍ଚାୟତର ସରପଞ୍ଚ ତଥା ବିଜେପିର ମଣ୍ଡଳ ସଭାପତି ସୁରେନ୍ଦ୍ର ରାଉତ ବିଜେପି ଛାଡ଼ି ଶତାଧିକ କର୍ମୀଙ୍କ ସହିତ ବିଜେଡିରେ ମିଶିଲେ। ବିଧାୟକ ପ୍ରାର୍ଥୀ ଅରବିନ୍ଦଙ୍କ ନେତୃତ୍ୱରେ ବିଜେଡି ଦଳରେ ଶତାଧିକ କର୍ମୀ ଓ ସମର୍ଥକମାନଙ୍କୁ ନେଇ ବିଜେଡିରେ ସାମିଲ ହେଲେ ବିଜେପିର ନେତା ସୁରେନ୍ଦ୍ର ରାଉତ। ଦୁଇଦିନ ତଳେ ବିଜେପି ଦଳରୁ ସେ ଇସ୍ତଫା ଦେଇଥିଲେ। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ବିକାଶ ମୂଳକ କାର୍ଯ୍ୟଧାରା ଓ ଅରବିନ୍ଦଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ଶତାଧିକ ସମର୍ଥକଙ୍କ ସହ ଆସି ବିଜେଡିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ପାଟକୁରାର ଯୁବନେତା କ୍ଷୀତିଶ୍ ଚନ୍ଦ୍ର ଦାସ ଉପସ୍ଥିତ ରହିଥିବା ସମୟରେ ସରୋଜକାନ୍ତ ନାୟକ, ମନୋରଞ୍ଜନ ଉପାଧ୍ୟାୟ, ବିଭେନ୍ଦୁ ପଣ୍ଡାଙ୍କ ସହିତ ବହୁକର୍ମୀ ସମର୍ଥକମାନେ ଯୋଗ ଦେଇଥିଲେ। ସମସ୍ତେ ଏକ ହୋଇ ବିଜେଡି ବିଧାୟକ ପ୍ରାର୍ଥୀ ଅରବିନ୍ଦ ମହାପାତ୍ରଙ୍କୁ ବିପୁଳ ଭୋଟ ଦେଇ ଜିତାଇବେ ବୋଲି ଶପଥ ନେଇଥିଲେ।

## ଶଯ୍ୟାଶାୟୀ ତୁଳସୀ; ଚିକିତ୍ସାରେ ଅର୍ଥ ସାଜିଛି ବାଧକ

ରାଜକନିକା, ୭।୪(ସମିସ): ନୂଆଁଣିଆ ଚାଳଘର ଭିତରେ ଶଯ୍ୟାଶାୟୀ ତୁଳସୀ। ପାଖରେ ବସି ସେବା ଯୋଗାଉଛନ୍ତି ତାଙ୍କ ସ୍ୱାମୀ। ନିତ୍ୟକର୍ମ ସହ ଖୁଆଇବା ସବୁ କାମ କରୁଛନ୍ତି। ଏଭଳି ଘଟଣା ହେଉଛି ରାଜକନିକା ବ୍ଲକ ଅନ୍ତର୍ଗତ ସିହୋପଡ଼ା ଗ୍ରାମର।



ଦିନମଜୁରିଆ ଯଦୁନାଥ ମଲିକ (୬୦)ଙ୍କ ପତ୍ନୀ ତୁଳସୀ। ପୁଅବୋହୂ, ନାତିନାତୁଣୀକୁ ନେଇ ସଂସାର। ଆଗରୁ ବୟସ ଥିବାବେଳେ ଯଦୁନାଥ ରିକ୍ସା, ଟ୍ରଲି ବୋହି ପରିବାର ପ୍ରତିପୋଷଣ କରୁଥିଲେ। ବୟସ ବଢ଼ିବାରୁ ଆଉ ରିକ୍‌ସା ଟାଣିପାରୁନାହାନ୍ତି। ଏମିତିକି ଦିନମଜୁରିଆ ଭାବେ ବି କେହି ନେଉନାହାନ୍ତି ବୋଲି କହିଛନ୍ତି ଯଦୁମଣି। ପୁଅଟା ଟ୍ରାକ୍ଟରରେ କାମ କରି ଯେତିକି ଆଣେ ତା' ପରିବାରକୁ ବି ଅଣ୍ଟେନି। ତୁଳସୀ ଦୁଇବର୍ଷ ତଳେ ଅସୁସ୍ଥ ହୋଇପଡ଼ିବାରୁ ଧାରକରଜ କରି ଡାକ୍ତର ଦେଖେଇଲେ ଯଦୁମଣି। ଡାକ୍ତରଙ୍କ କହିବା କଥା ପକ୍ଷାଘାତର ପ୍ରଥମ ଷ୍ଟେଜ୍, ଫିଜିଓଥେରାପି ଆବଶ୍ୟକ। ତେବେ ଯାଇ ଧୀରେ ଧୀରେ ଠିକ୍ ହେବ। ହେଲେ ନିକଟସ୍ଥ ଓଳାଭର ବଜାରକୁ ଯାଇ ଫିଜିଓଥେରାପି କରିବା ବି ଯଦୁମଣିଙ୍କ ପାଇଁ କାଠିକର ପାଠ। ବିଳମ୍ବ କାରଣରୁ ତୁଳସୀ ଆଉ ଉଠିବସି ନ ପାରି ବିଛଣାରେ ଶୋଇ ରହୁଛନ୍ତି। କେବଳ ପକ୍ଷାଘାତ ନୁହେଁ, ବରଂ କିଡ୍‌ନୀ ନଷ୍ଟ ହେବା, ଶ୍ୱାସ ରୋଗ ମାଡି ଆସିବା, ଆଖିକୁ ଦେଖାଯାଉ ନ ଥିବା ଭଳି ବହୁବିଧ ରୋଗରେ ତୁଳସୀ ଏବେ ପୀଡିତ। ଏଥିପାଇଁ ଯଦୁମଣି ସକାଳୁ ରାତି ଯାଏ ତାଙ୍କ ସେବା କରୁଛନ୍ତି। ଏମିତିକି ଔଷଧ ଦେବାକୁ ଅର୍ଥ ନଥିବା ମଧ୍ୟ କହିଛନ୍ତି ଯଦୁନାଥ।

ବିଜୁ ସ୍ୱାସ୍ଥ୍ୟ କାର୍ଡ ଥାଇ ବି ସେ ଡାକ୍ତରଖାନା ଯାଏ ଯାଇପାରୁନାହାନ୍ତି। ଯଦି ଉତ୍ତମ ଚିକିତ୍ସା ମିଳିପାରନ୍ତା, ତେବେ ତୁଳସୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରନ୍ତା ବୋଲି ଯଦୁମଣି କହିଛନ୍ତି। ତେବେ ପତ୍ନୀର ଚିକିତ୍ସା ପାଇଁ ପ୍ରଶାସନିକ ସ୍ତରରେ ହେଉ ବା କୌଣସି ବ୍ୟକ୍ତିବିଶେଷ ସହାୟତାର ହାତ ବଢ଼ାଇବାକୁ ନିବେଦନ କରିଛନ୍ତି ଯଦୁମଣି।

# ବିଜେଡିରେ ମିଶିଲେ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ



ଛେଣ୍ଡିପଦା, ୭ ।୪(ସମିସ)

ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳ ପକ୍ଷରୁ ଛେଣ୍ଡିପଦା ବ୍ଲକର ବାଗଡ଼ିଆ, ଟାଙ୍ଗିରି ଓ ପାତ୍ରପଡ଼ାରେ ଗ୍ରାମପଞ୍ଚାୟତ ସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ବିଜେଡିର ବ୍ଲକ ସଭାପତି ଶରତ ଚନ୍ଦ୍ର ଗଡ଼ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମ୍ମିଳନୀରେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଯୋଗଦେଇ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ବିକାଶ ପାଇଁ କର୍ମୀମାନେ ଏକଜୁଟ ହେବା ସହିତ ଶଙ୍ଖ ଚିହ୍ନରେ ଦୁଇଟି ଭୋଟ ଦେଇ ଦଳର ସଂଗଠନକୁ ମଜଭୁତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥି ସହିତ ଦୀର୍ଘ ୨୫ ବର୍ଷ ଧରି ଚାଲିଥିବା ଶାସନରେ ଅଞ୍ଚଳର ବିକାଶ ହୋଇପାରିଛିକ୍ଷ କେନ୍ଦ୍ର ସରକାରଙ୍କ ଜନମାରଣ ନୀତି ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖି ଯୋଜନାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ପରାମର୍ଶ ଦେଇଥିଲେ। ଏପରିକି ଦଳୀୟ ସଙ୍ଗଠନକୁ ମଜଭୁତ କରିବା ସହିତ ଆଗାମୀ ନିର୍ବାଚନରେ ପୁଣିଥରେ ନବୀନ ସରକାର ଗଠନ ପାଇଁ ସମ୍ବଲପୁର ସଂସଦୀୟ କ୍ଷେତ୍ର ପାଇଁ ପ୍ରଣବ ପ୍ରକାଶ ଦାସ ଓ ଛେଣ୍ଡିପଦା ବିଧାନସଭା କ୍ଷେତ୍ର ପାଇଁ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଅନୁରୋଧ କରିଥିଲେକ୍ଷ ଏହି ସମ୍ମିଳନୀରେ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପୁରୁଣାଗଡ଼ ଗ୍ରାମର ବିରଞ୍ଚି ଗଡ଼ନାୟକ, କୁମାର ବିଶ୍ୱାଳ, ସୁଧାକର ଗଡ଼ନାୟକ, ବିଜୟ ସାହୁ, ରିଙ୍କୁ ସେଠୀ, ଚିନ୍ତାମଣି ସେଠୀ, ଲିପୁନ ଗଡ଼ନାୟକ, ଟାଙ୍ଗିରି ଗ୍ରାମ ପଞ୍ଚାୟତର ଟୁକୁନା ନାଏକ, ରଞ୍ଜନ ସାହୁ, ଶୁକ୍ରୁ ବେହେରା, ନୂଆପଡ଼ା ଗ୍ରାମର ଶ୍ରୀକାନ୍ତ ଭୂତିଆ, ପ୍ରଫୁଲ୍ଲ ବେହେରା, ସରପାଳ ଗ୍ରାମର କାହ୍ନୁ ଚରଣ ସାହୁ, ସମ୍ବାରୁ ସାହୁ, ପ୍ରମୋଦ ସାହୁ, ବାରମଞ୍ଚା ଗ୍ରାମର କୁନା ମାଝୀ, ବିନୋଦ ସାହୁ, ଗୁଣ୍ଡିଚା ସାହୁ, ମିଟୁ ବେହେରାଙ୍କ ସମେତ ପ୍ରାୟ ୮୦ରୁ ଅଧିକ କର୍ମୀ ବିଜେପି ଓ କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେଇଥିବା ବେଳେ ପରଙ୍ଗ ଗ୍ରାମର ୨୦ରୁ ଉର୍ଦ୍ଧ ବିଜେପି ଓ କଂଗ୍ରେସ କର୍ମୀ ବିଧାୟକଙ୍କ କୋଶଳା ଆବାସିକ କାର୍ଯ୍ୟାଳୟରେ ଯୋଗ ଦେଇ ବିଜେଡିରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୁ ଜନତା ଦଳର ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର, ଜିଲ୍ଲା ପରିଷଦ ନଗେନ ପ୍ରଧାନ, ନିଶା ସରପଞ୍ଚ ରାମଚନ୍ଦ୍ର ବେହେରା, ବାଗଡ଼ିଆ ଜୋନ ପର୍ଯ୍ୟବେକ୍ଷକ ଅମ୍ବିକା ବେହେରା, ସରପଞ୍ଚ ଅମରେଶ ନାଥ, ପୂର୍ବତନ ସରପଞ୍ଚ ବିଜୟ କୁମାର ଗଡ଼ନାୟକ, ପୂର୍ବତନ ସରପଞ୍ଚ ସସ୍ମିତା ପ୍ରଧାନଙ୍କ ସମେତ ବିଭିନ୍ନ ପଞ୍ଚାୟତର ବିଜେଡି ଜନପ୍ରତିନିଧି ଓ ୱାର୍ଡ କମିଟିର ସଦସ୍ୟଙ୍କ ସମେତ ପ୍ରାୟ ୨ ହଜାରରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା କର୍ମୀ ଯୋଗ ଦେଇଥିଲେ।

ଓଃ କି ଖରା...



ପାଣି ଟୋପାଏ ପାଇଁ ଡହକବିକଳ (ଫଟୋ- ଟିଙ୍କୁ)

## ଆମ୍ବଗଛରେ ଝୁଲି ପଡ଼ିଲେ ବୃଦ୍ଧ

ଭୁବନ, ୭ ।୪ (ସମିସ) : ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି। କଳହ ରୂପ ଏଭଳି ହୋଇଛି ଯେ, ୭୪ ବର୍ଷରେ ପେନସନ ଭୋଗୀ ବୃଦ୍ଧ ବେକରେ ରସି ଲଗାଇ ଆମ୍ବଗଛରେ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ ଭୁବନ ଥାନାରେ ଅଭିଯୋଗ ହୋଇଛି। ଏପରି ଘଟଣା ଦେଖିବାକୁ ମିଳିଛି ଭୁବନ ଥାନା ଅନ୍ତର୍ଗତ ଗଡ଼ନୃସିଂହ ପ୍ରସାଦ ପଞ୍ଚାୟତର ରାମକୃଷ୍ଣପୁର ଗ୍ରାମରେ। ଗ୍ରାମର ପ୍ରସନ୍ନ ସେଠୀ (୭୪) ଜଣେ ଅବସରପ୍ରାପ୍ତ ବିଦ୍ୟୁତ ବିଭାଗ କର୍ମଚାରୀ। ତେବେ ଶନିବାର ରାତିରେ ତାଙ୍କର ପେନସନ ଟଙ୍କାକୁ ନେଇ ପରିବାର ମଧ୍ୟରେ ଝଗଡ଼ା ହୋଇଥିବା କାରଣରୁ ଏପରି ଘଟଣା ଘଟିଥିବା ଗ୍ରାମରେ ଚର୍ଚ୍ଚା ହେଉଛି। ଆମ୍ବ ଗଛରେ ଝୁଲୁଥିବା ଅବସ୍ଥାରେ ପରିବାର ଲୋକ ଦେଖିବା ପରେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ପ୍ରସନ୍ନଙ୍କୁ ମୃତ ଘୋଷଣା କରିଥିବା ବେଳେ ଭୁବନ ପୁଲିସ ପହଞ୍ଚି ଶବକୁ ଜବତ କରିବା ସହ ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ପରେ ଶବ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

● ସଂଘବଦ୍ଧ ଆକ୍ରମଣ ମାମଲା

## ୪ ଦୋଷୀଙ୍କୁ ମିଳିଲା ଅର୍ଥଦଣ୍ଡ

ଗଁଦିଆ, ୭ ।୪ (ସମିସ) : ନିହଲପ୍ରସାଦ ଗ୍ରାମରେ ଘଟିଥିବା ଏକ ସଂଘବଦ୍ଧ ଆକ୍ରମଣ ମାମଲାର ରାୟ ଗଁଦିଆ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୌରଭ ସାଗର ପ୍ରଧାନ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ୪ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି।

୨୦୨୦ ଅକ୍ଟୋବର ୨୯ ତାରିଖରେ ବାଡ଼ ପକାଇବା ଘଟଣାକୁ ନେଇ ବିନୋଦିନୀ ସ୍ୱାଇଁ ସହିତ ସେହି ଗ୍ରାମର କେତେକ ବ୍ୟକ୍ତିଙ୍କ ସହିତ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଦେବାଶିଷ ନାୟକ (୩୯), ସୁକାନ୍ତି ନାୟକ (୩୨), ଦୀପ୍ତିମୟୀ ସାମଲ (୩୦), ଲକ୍ଷ୍ମୀଧର ନାୟକ (୭୪) ସଂଘବଦ୍ଧ ଭାବେ ବିନୋଦିନୀ ସ୍ୱାଇଁଙ୍କୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ବିନୋଦିନୀ ଗୁରୁତର ଆହତ ହୋଇଥିଲେ। ଖବର ପାଇ ତାଙ୍କ ସ୍ୱାମୀ ଗିରିଜାକାନ୍ତ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଏହି ଘଟଣାର ନିହଲପ୍ରସାଦ ଥାନା କେସ ନମ୍ବର ୧୨୫/୨୦ ରେ ଏକ ମାମଲା ରୁଜୁ ହୋଇଥିଲା। ଏହି ଘଟଣାର ଗଁଦିଆ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟଙ୍କ କୋର୍ଟରେ ବିଚାର ହୋଇଥିଲା। ସମୁଦାୟ ୮ ଜଣ ସାକ୍ଷୀ ଏବଂ ୪ଟି ଦସ୍ତାବିଜ ଆଧାରରେ ଅଭିଯୁକ୍ତମାନଙ୍କୁ ଭାରତୀୟ ପିଙ୍ଗଳ କୋଡ଼ର ଦଫା ୩୨୩ ଏବଂ ୩୪ରେ ଦୋଷୀ ସାବ୍ୟସ୍ତ କରି ପ୍ରତ୍ୟେକ ଅଭିଯୁକ୍ତଙ୍କୁ ୪୦୦ ଟଙ୍କା ତଥା ମୋଟ ୧୬୦୦ ଟଙ୍କା ଜରିମାନା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଜରିମାନା ଅନାଦେୟ ଅଧିକ ୧୫ ଦିନ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏହି ମାମଲାଟିକୁ ସରକାରଙ୍କ ତରଫରୁ କ୍ୟାଡର ଏପିପି ଶାଶ୍ୱତ ଜେନା ପରିଚାଳନା କରିଥିବା ବେଳେ ଏପିପି ବିଶ୍ୱନାଥ ନାୟକ ଏବଂ କାମାକ୍ଷାପ୍ରସାଦ ରଣା ସହଯୋଗ କରିଥିଲେ।

## ୪୪ ଲିଟର ମଦ ସହ ଫ୍ରିଜର ଜବତ; ୨ ଗିରଫ

ଭୁବନ, ୭ ।୪ (ସମିସ) : କାମାକ୍ଷାନଗର ଅବକାରୀ ବିଭାଗ ପକ୍ଷରୁ ଜିଲ୍ଲାପାଳ ଓ ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ଭୁବନ ବ୍ଲକ ଜିରାଳ ଗ୍ରାମର ବିଭିନ୍ନ ବିଭିନ୍ନ ହୋଟେଲ ଢାବା ପାନ ଦୋକାନରେ ଶନିବାର ଅପରାହ୍ନରେ ଅବକାରୀ ନିରୀକ୍ଷକ ପ୍ରକାଶ ଚନ୍ଦ୍ର ସାହୁ ଚଢ଼ଉ କରିଥିଲେ। ଜିରାଳ ଗ୍ରାମର ଦାଶରଥି ସାମଲ ଦୋକାନରୁ ୨୩.୪ ଲିଟର ବିଅର୍ ଜବତ କରାଯାଇ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିପରି ଜିରାଳ ଗ୍ରାମର ଲିପୁନ କୁମାର ସାହୁଙ୍କ ଠାରୁ ୨୦.୮ ଲିଟର ବିଅର ସହ ଦୋକାନ ଫ୍ରିଜର ଜବତ କରାଯାଇଛି। ସୁଯୋଗ କ୍ରମେ ଲିପୁନ୍ ଖସି ପଳାଇବାକୁ ସକ୍ଷମ ହୋଇଥିଲେ। ସେହିପରି ଜିରାଳ ଗ୍ରାମର ଶିବରାମ ସ୍ୱାଇଁଙ୍କ ଠାରୁ ୩୦ ଲିଟର ଦେଶୀ ମଦ ଜବତ କରାଯାଇ ଗିରଫ କରାଯାଇଛି। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ହାଜତକୁ ପଠାଇ ଦିଆଯାଇଛି।

## ପାଲାଗାୟକଙ୍କ ପରଲୋକ



ହିନ୍ଦୋଳ, ୭।୪ (ସମିସ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ନବକିଶୋରପୁର ପଞ୍ଚାୟତର ସୁନାମଧନ୍ୟ ପାଲାଗାୟକ ତଥା ସମାଜସେବୀ ଜଗନ୍ନାଥ କାଞ୍ଜିଆ(୫୫)ଙ୍କ ଅନୁଗୋଳ ଡାକ୍ତରଖାନାରେ ପରଲୋକ ଘଟିଛି। ଦୀର୍ଘଦିନ ଧରି ସେ ମଧୁମେହ ଓ ରକ୍ତଚାପ ରୋଗରେ ପୀଡ଼ିତ ଥିଲେ। ଗତକାଲି ହଠାତ୍ ଅସୁସ୍ଥ ହେବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସ୍ୱର୍ଗତ କାଞ୍ଜିଆ କିଛିଦିନ ଧରି ହିନ୍ଦୋଳ ଏନଏସି ସ୍ଥିତ ତାଙ୍କ ପୁତ୍ରର ସରକାରୀ ବାସଭବନରେ ରହୁଥିଲେ ଏବଂ ହିନ୍ଦୋଳ ଜଗନ୍ନାଥ ମନ୍ଦିର, ରଙ୍କେଇ ମନ୍ଦିର ସହ ବହୁ ଧାର୍ମିକ ଅନୁଷ୍ଠାନ ସହ ଜଡିତ ଥିଲେ। ନବକିଶୋରପୁର ଗ୍ରାମର ସଭାପତି ରହିବା ସହ ଆଖପାଖ ଅଞ୍ଚଳରେ ବହୁ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ ଥିଲେ।

## ୧୭୩ ୟୁନିଟ୍ ରକ୍ତ ସଂଗୃହୀତ

ଢେଙ୍କାନାଳ, ୭ ।୪ (ସମିସ) : ଢେଙ୍କାନାଳ ଜିଲ୍ଲା ରକ୍ତଭଣ୍ଡାରରେ ଦେଖାଦେଇଥିବା ରକ୍ତଅଭାବଜନିତ ସମସ୍ୟାର ସମାଧାନ ପାଇଁ ସାଇ ସତସଙ୍ଗ ସେବାଟ୍ରଷ୍ଟ ତରଫରୁ ସ୍ଥାନୀୟ ଟାଉନ ହଲ ପରିସରରେ ରବିବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବହୁ ସ୍ୱେଚ୍ଛାକୃତ ରକ୍ତଦାତା ସାମିଲ ହୋଇଥିଲେ। ମୋଟ ୧୭୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପ୍ରାରମ୍ଭରେ ପୌରାଧକ୍ଷା ଜୟନ୍ତୀ ପାତ୍ର ଆନୁଷ୍ଠାନିକ ଭାବେ ଉଦଘାଟନ କରି କହିଲେ ଯେ, ଢେଙ୍କାନାଳରେ ଦେଖା ଦେଇଥିବା ରକ୍ତ ସଙ୍କଟର ସମାଧାନ ଲାଗି ଏହା ସହାୟକ ହେବ। ସମ୍ମାନିତ ଅତିଥି ଭାବରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳ ଯୋଗଦେଇ ରକ୍ତ ସଙ୍କଟ ସମୟରେ ଏଭଳି ଶିବିର ଆୟୋଜନକୁ ବହୁ ପ୍ରଶଂସା କରିଥିଲେ। ରେଡକ୍ରସ ଉପସଭାପତି ବିରଞ୍ଚି ନାରାୟଣ ପାଣି, ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ସଭାପତି ରାଜେନ୍ଦ୍ର ହିନ୍ଦୋଚା, ଶ୍ୟାମାଚରଣପୁର ବିକାଶ ପରିଷଦର ସଭାପତି ଯୋଗିନାଥ ମହାନ୍ତି, ସଚେତନ ନାଗରିକ ଫୋରମର ସଭାପତି ସୁରେନ୍ଦ୍ର ମିଶ୍ର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଟ୍ରଷ୍ଟର ବରିଷ୍ଠ ସଦସ୍ୟ ଅମରେନ୍ଦ୍ର ଖୁଣ୍ଟିଆ, ସଭାପତି ଅଜୟ ସାହୁ, ସମ୍ପାଦକ ସୁବୋଧ ସିଂଙ୍କ ତତ୍ତ୍ୱାବଧାନରେ ଟ୍ରଷ୍ଟର କର୍ମକର୍ତ୍ତା ଓ ମହିଳା ଶାଖା ଦ୍ୱାରା ଏହି ଶିବିର ପରିଚାଳନା ହୋଇଥିଲା। ଜିଲ୍ଲା ରକ୍ତଭଣ୍ଡାର ଅଧିକାରୀ ସ୍ୱରୂପ ରଞ୍ଜନ ସାହୁ, ଟେକ୍ନିସିଆନ ପରମାନନ୍ଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ରକ୍ତ ଗ୍ରହଣ ହୋଇଥିଲା। ଗ୍ରୀଷ୍ମଋତୁରେ ବହୁତ ରୋଗୀ ରକ୍ତ ନପାଇ ହନ୍ତସନ୍ତ ହେଉଛନ୍ତି। ସମସ୍ତ ଅନୁଷ୍ଠାନ ଘଡ଼ିସନ୍ଧି ମୁହୂର୍ତ୍ତରେ ରକ୍ତଦାନ ଶିବିର କରି ରକ୍ତ ଅଭାବକୁ ଦୂର କରିବାକୁ ଟ୍ରଷ୍ଟର ଅଧକ୍ଷ ଶିବ ପ୍ରସାଦ ପଣ୍ଡା ଅନୁରୋଧ କରିଛନ୍ତି।



ପ୍ରାର୍ଥୀ ଘୋଷଣାରେ ବିଳମ୍ବ

## ଦ୍ୱନ୍ଦ୍ୱରେ କଂଗ୍ରେସ କର୍ମୀ

ଅନୁଗୋଳ ୭ ।୪(ସମିସ): ଆଠମଲ୍ଲିକ ବିଧାନସଭା ପାଇଁ ବିଜୁ ଜନତା ଦଳ ଓ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀଙ୍କ ନାମ ଘୋଷଣା ସରିଥିବା ବେଳେ ଜାତୀୟ ଦଳ କଂଗ୍ରେସ ତା'ର ପ୍ରାଥୀଙ୍କ ନାମ ଘୋଷଣା କରିବାରେ ବିଳମ୍ବ କରୁଛି। ନିର୍ବାଚନ ମଣ୍ଡଳୀରେ କଂଗ୍ରେସ କର୍ମୀମାନେ ଏବେ ଏନେଇ ଦ୍ୱନ୍ଦ୍ୱରେ ଥିବା ଜଣାଯାଇଛି। ଗତ ସାଧାରଣ ନିର୍ବାଚନ ୨୦୧୯ ରେ କଂଗ୍ରେସ ଆଠମଲ୍ଲିକ ବିଧାନସଭା ପାଇଁ ବିଜୟାନନ୍ଦ ଚାଉଳିଆଙ୍କୁ ପ୍ରାର୍ଥୀ କରିଥିଲା। ସେ ମଧ୍ୟ ୩୦ ହଜାର ୯୨୫ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନକୁ ଖସି ଆସିଥିଲେ ଓ ବିଜେପି ୩୯ ହଜାରରୁ ଉର୍ଦ୍ଧ୍ୱ ଭୋଟ ପାଇ ଦ୍ୱିତୀୟ ସ୍ଥାନକୁ ଚାଲିଯାଇଥିଲା। ଗତ ୨୦୦୯ ଓ ୨୦୧୪ ସାଧାରଣ ନିର୍ବାଚନରେ ଜାତୀୟ କଂଗ୍ରେସ ପ୍ରାର୍ଥୀମାନେ ୪୦ ହଜାରରୁ ଉର୍ଦ୍ଧ୍ୱ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଆସିଥିଲା। ଧୀରେ ଧୀରେ କଂଗ୍ରେସର ଭୋଟ ବ୍ୟବଧାନ କମି କମି ଆସିଥିବା ବେଳେ ୨୦୧୯ରେ ତାହା ବହୁମାତ୍ରାରେ କମିଯିବା ଫଳରେ କର୍ମୀ ମହଲରେ ହତାଶ ଭାବ ପରିଲକ୍ଷିତ ହୋଇଥିଲା। ନିର୍ବାଚନ ପରେ ପ୍ରାର୍ଥୀ ମଧ୍ୟ ନିର୍ବାଚନ ମଣ୍ଡଳୀ ଛାଡି ରାଜଧାନୀ ଭୁବନେଶ୍ୱର ଚାଲିଗଲେ। କର୍ମୀଙ୍କ ସୁଖଦୁଃଖ ବୁଝିବାକୁ କେହି ରହିଲେ ନାହିଁ। ଗତ ୫ ବର୍ଷ ମଧ୍ୟ ଦଳ କୌଣସି ଆଖିଦୃଷ୍ଟିଆ ବିରୋଧୀ ଦଳର ଭୂମିକା ଲିଭାଇ ପାରିନାହିଁ। ବର୍ତ୍ତମାନ ପରିପ୍ରେକ୍ଷୀରେ ବିଜେଡି ଓ ବିଜେପି ତାଙ୍କର ପ୍ରାର୍ଥୀ ଘୋଷଣା କରିସାରିବା ପରେ ପ୍ରାର୍ଥୀମାନେ ନିର୍ବାଚନ ମଇଦାନକୁ ଓହ୍ଲାଇ ସଭାସମିତି କରିବା ଆରମ୍ଭ କରି ସାରିଲେଣି। କଂଗ୍ରେସରେ ପ୍ରାର୍ଥିତ୍ୱ ଘୋଷଣା ବିଳମ୍ବ ହେଉଥିବାରୁ କର୍ମୀମାନେ ଦ୍ୱନ୍ଦ୍ୱରେ ରହି ଅନ୍ୟ ଦଳକୁ ଚାଲି ଯିବାକୁ ପ୍ରୟାସ କରୁଥିବା ଜଣାଯାଇଛି। ଏହା ଫଳରେ କଂଗ୍ରେସ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀରେ ଲୋପ ପାଇଯିବ ବୋଲି ସାଧାରଣରେ ଆଲୋଚନା ହେଉଛି।

ଜିରାଳ ହାଟରେ ଗୁଳି ଏବଂ ବୋମାମାଡ଼ ଘଟଣା

## ୫ ଅଭିଯୁକ୍ତ ଅଟକ

ଢେଙ୍କାନାଳ, ୭ ।୪ (ସମିସ) : ଢେଙ୍କାନାଳ ଜିଲ୍ଲାରକାମାକ୍ଷାନଗରବ୍ଲକଜିରାଳସାପ୍ତାହିକ ହାଟରେ ବୋମାମାଡ଼ ଏବଂ ଗୁଳିମାଡ଼ କରି କେତେକ ଗୋରୁ ବ୍ୟବସାୟୀଙ୍କ ଠାରୁ ୧୪ ଲକ୍ଷ ଟଙ୍କା ଲୁଟକରିନେବା ଘଟଣାରେ ପୁଲିସ ୫ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା ଜାରିରଖିଛି। ଗତ ୫ ତାରିଖ ଦିନ କାମାକ୍ଷାନଗର ଥାନା ଜିରାଳ ସାପ୍ତାହିକ ହାଟରେ ପ୍ରତି ହାଟପାଳି ଭଳି କେତେକ ଗୋରୁ ବ୍ୟବସାୟୀ ଏବଂ ଚାଷୀମାନଙ୍କ ଭିଡ଼ ଲାଗିରହିଥିଲା। ହାଟ ଆରମ୍ଭ ହେବା ପୂର୍ବରୁ ହଠାତ ଏଭଳି ଅବାଞ୍ଛନୀୟ କାଣ୍ଡ ଘଟିଥିଲା। ଯାହାକୁ ନେଇ ହାଟକୁ ଆସିଥିବା କ୍ରେତା ଏବଂ ବିକ୍ରେତାମାନେ ଜୀବନ ବିକଳରେ ଇତସ୍ତତ ହୋଇପଡ଼ିଥିଲେ। ହାଟ ଚାଲିଥିବା ବେଳେ ୫ ଜଣ ଦୁର୍ବୃତ୍ତ ୩ ମୋଟର ସାଇକଲରେ ଆସି ହାଟରେ ପହଞ୍ଚିଥିଲେ। କେହି କିଛି ବୁଝିବା ପୂର୍ବରୁ ଦୁର୍ବୃତ୍ତମାନେ ମୁହଁରେ କଳା କପଡ଼ା ବାନ୍ଧି ଗୋରୁ ବେପାରୀଙ୍କ ଉପରେ ଅତର୍କିତ ଭାବରେ ୨ରାଉଣ୍ଡ ଗୁଳି ସହିତ ବୋମାମାଡ଼ କରିଥିଲେ। ଗୁଳି ମାଡରେ ଭୟଭୀତ ହୋଇଥିବା ଡ୍ରାଇଭର ଏବଂ ବ୍ୟବସାୟୀଙ୍କ ଗାଡିକୁ ସିଧାସଳଖ ବୋମାମାଡ଼ କରି ଆତଙ୍କ ସୃଷ୍ଟି କରିଥିଲେ। ଦୁର୍ବୃତ୍ତମାନେ ଗାଡିରେ ଥିବା ଟଙ୍କା ବ୍ୟାଗ ସହ ବୋଲେରୋ ଗାଡିଟିକୁ କୌଶଳ କ୍ରମେ ଲୁଟି ନେଇଥିଲେ। ଖବର ପାଇ ଘଟଣାସ୍ଥଳରେ କାମାକ୍ଷାନଗର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ବୋଲେରୋ ଗାଡ଼ିଟିକୁ ପୁଲିସ ଢେଙ୍କାନାଳ ସଦର ଥାନାର ଝାରଗାଡ଼ିଆ ଫାଣ୍ଡି ବଉଳପୁର ଅଞ୍ଚଳରୁ ଜବତ କରିଥିଲା। ଏ ସଂକ୍ରାନ୍ତରେ କାମାକ୍ଷାନଗର ଥାନା କେସ ନଂ ୨୨୩/୨୪ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ଏହି ଘଟଣାର ୪୮ଘଣ୍ଟା ମଧ୍ୟରେ ପୁଲିସ ୫ ଅଭିଯୁକ୍ତଙ୍କୁ ଅଟକ ରଖିଥିବା ଜଣାପଡ଼ିଛି। ଅଭିଯୁକ୍ତମାନଙ୍କ ନାମରେ ବିଭିନ୍ନ ଥାନାରେ ଅପରାଧିକ ମାମଲା ରହିଥିବାର ଜଣାପଡ଼ିଛି।

## ଗଜମରା ଗ୍ରାମରେ ବାରୁଣୀ ଯାତ୍ରା



ଢେଙ୍କାନାଳ, ୭ ।୪ (ସମିସ) : ଢେଙ୍କାନାଳ ଜିଲ୍ଲା ଗଜମରା ଗ୍ରାମରେ ବାରୁଣୀ ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ଏହି ବାରୁଣୀ ଯାତ୍ରାରେ ଦେଓପଡ଼ା, ତାଳବରକୋଟ ଓ ଗଜମରା ଗ୍ରାମର ଦୋଳବିମାନ ବିରାଟ ରୋଷଣୀ ଦ୍ୱାରା ସାହି ପରିକ୍ରମା କରିଥିଲେ। ବାଜା, ବାଣ, ରୋଷଣୀ ଓ ଲଉଡ଼ି ବାଡ଼ି ଖେଳ ଓ ଚାଙ୍ଗୁବାଦ୍ୟ ଦ୍ୱାରା ରାଧାକୃଷ୍ଣ ଠାକୁରଙ୍କ ମେଳଣ ଯାତ୍ରା ସମ୍ପନ୍ନ ହୋଇଥିଲା। ପରେ ଅପେରା ମଧୁ ବାସନ୍ତୀ ଦ୍ୱାରା ନାଟକ ପରିବେଷଣ କରାଯାଇଥିଲା। ଏହି ଯାତ୍ରାକୁ ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଉପଭୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଗଜମରା ଗ୍ରାମର ସଭାପତି ଶିବରାମ ସ୍ୱାଇଁ, ସମ୍ପାଦକ ବିପିନ ବିହାରୀ ସ୍ୱାଇଁ ଓ ସମସ୍ତ ସଭ୍ୟ ସୁଚାରୁରୂପେ ପରିଚାଳନା କରିଥିଲେ।

## ମା' ଚଣ୍ଡୀଙ୍କ ମାର୍ଜନା ପର୍ବ



ଭୁବନ, ୭ ।୪ (ସମିସ) : ମା' ସର୍ବଂସହା ଚଣ୍ଡୀଙ୍କ ବାର୍ଷିକ ମାର୍ଜନା ପର୍ବ ମହାସମାରୋହରେ ପାଳିତ ହୋଇଯାଇଛି। ଘଣ୍ଟ ଘଣ୍ଟା ଆଲଟ ଚାମର ସହ ଶତାଧିକ କୀର୍ତ୍ତନିୟା ସ୍ଥାନୀୟ ଧନେଇ ନାଳରୁ ଶୁଦ୍ଧ ପୁତ ଅବସ୍ଥାରେ ୧୦୮ ମହିଳା କଳସ ଶୋଭାଯାତ୍ରାରେ ଭାଗ ନେଇଥିଲେ। ପଞ୍ଚାନନ ରାଉଳ ଓ ଝରଣା ରାଉଳ ମାର୍ଜନା କାର୍ଯ୍ୟକ୍ରମରେ କର୍ତ୍ତା କର୍ତ୍ତୀ ଭାବେ ଯୋଗ ଦେଇଥିଲେ। ମା' ଚଣ୍ଡୀଙ୍କ ପୂଜକ ବାଗା ଦେହୁରୀ ମା'ଙ୍କ ପୂଜା ଯଥା ରୀତିନୀତି ପରମ୍ପରା ଅନୁଯାୟୀ କରିଥିଲେ। ମଧ୍ୟାହ୍ନରେ ହଜାର ହଜାର ପୁରୁଷ ମହିଳା ଯଜ୍ଞ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପୁରୋଧା ସନ୍ତୋଷ ମିଶ୍ର ବୈଦିକ ରୀତିରେ ପୂଜା କାର୍ଯ୍ୟ ସମାପନ କରିଥିଲେ। ଗ୍ରାମ ମୁରବୀ ନୃସିଂହ ଚରଣ ନାୟକ, ବିନୟ ପଟ୍ଟନାୟକ, ଗଗନ କୁମାର କାଣ୍ଡି, ରଞ୍ଜନ ମହାନ୍ତି, ମନୋଜ ଧିର, ତରୁଣ ମହାନ୍ତି, ଦିନବନ୍ଧୁ ରାଉ, ନରୋତ୍ତମ ଦେହୁରୀ, ପ୍ରମୋଦ ମିଶ୍ର, କୈଳାସ ଜେନା, ମନ୍ମଥ ସାହୁ, ଯୋଗୀନଥ ନାୟକ, ଯୁବକ ବିମଳ ରାଉଳ, ଜ୍ଞାନ ରଞ୍ଜନ ନାୟକ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ମହିଳା ମଣ୍ଡଳର ମୁରବୀ ମାଳତୀ ମହାନ୍ତି, ଲୋପାମୁଦ୍ରା ରାଉଳ ଯୋଗ ଦେଇ କଳସ ଶୋଭାଯାତ୍ରାର ନେତୃତ୍ୱ ନେଉଥିଲେ। କଳସ ଶୋଭାଯାତ୍ରାରେ ଘୁମୁରା ବାଦ୍ୟ, ଲଉଡ଼ି ଖେଳ, ସଙ୍କୀର୍ତ୍ତନର ତାଳେ ତାଳେ ଶୋଭାଯାତ୍ରା ଗାଁ ପରିକ୍ରମା କରିଥିଲା। ମା'ଙ୍କ ନିକଟରେ ମାନସିକ କରିଥିବା ଭକ୍ତ ନିଜ ପିଲାମାନଙ୍କର ମଣ୍ଡନ କାର୍ଯ୍ୟ କରାଇଥିଲେ।

## ଅନୁଗୋଳ ଜିଲ୍ଲାରେ ୧, ୨୭ ୯ ଲାଇସେନ୍ସପ୍ରାପ୍ତ ବନ୍ଧୁକ

ଅନୁଗୋଳ, ୭ ।୪(ସମିସ)

ଅନୁଗୋଳ ଜିଲ୍ଲାରେ ରହିଛି ୧୨୭୯ଟି ଲାଇସେନ୍ସପ୍ରାପ୍ତ ବନ୍ଧୁକ। ସେଥିମଧ୍ୟରୁ ତାଳଚେର ଥାନା ଅଞ୍ଚଳରେ ସର୍ବାଧିକ ଲାଇସେନ୍ସପ୍ରାପ୍ତ ବନ୍ଧୁକ ରହିଥିବା ବେଳେ କିଆକଟା ଥାନା ଅଞ୍ଚଳରେ ସର୍ବନିମ୍ନ ବନ୍ଧୁକ ରହିଥିବା ଡିଆଇବି ଅଫିସରୁ ମିଳିଥିବା ତଥ୍ୟରୁ ଜଣାପଡିଛି। ସୂଚନା ମୁତାବକ,

ତୁରନ୍ତ ପୁଲିସକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ



ଆସନ୍ତା ସାଧାରଣ ନିର୍ବାଚନ ପାଇଁ ବନ୍ଧୁକଗୁଡ଼ିକୁ ପୁଲିସକୁ ହସ୍ତାନ୍ତର କରିବା ପାଇଁ ନୋଟିସ ହୋଇଛି। ଆଜି ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ପୁଲିସ ଷ୍ଟେସନରେ ମୋଟ ୪୮୬ ବନ୍ଧୁକ ପୁଲିସ ପାଖକୁ ଆସିଥିବା ବେଳେ ଅବଶିଷ୍ଟ ୭୯୩ ବନ୍ଧୁକ ପୁଲିସ ପାଖକୁ ଆସିବ। ଯେଉଁମାନେ ଗହଣା ଦୋକାନ, ବ୍ୟାଙ୍କ୍ ଭଳି ଜାଗାରେ ରହୁଥିବେ, ସେମାନେ ଆବେଦନ କରି ନିଜ ପାଖରେ ବନ୍ଧୁକ ରଖିପାରିବେ ବୋଲି ସୂଚନା ମିଳିଛି। ତାଳଚେର ଥାନା ଅଧୀନରେ ସର୍ବାଧିକ ୧୭୮ଟି ଲାଇସେନ୍ସପ୍ରାପ୍ତ ବନ୍ଧୁକ ଥିବା ବେଳେ କିଆକଟା ଥାନା ଅଧୀନରେ ସର୍ବନିମ୍ନ ୨ଟି ବନ୍ଧୁକ ରହିଛି। ସେହିପରି ଅନୁଗୋଳରେ ୫୭, ସଦରରେ ୧୬, ବଅଁରପାଳରେ ୪୪, ନାଲକୋରେ ୨୧, ଜରପଡାରେ ୭୪, ଇଣ୍ଡଷ୍ଟ୍ରିଆଲରେ ୧୨, ଛେଣ୍ଡିପଦାରେ ୧୦୫, ବାଗଡିଆରେ ୩୯, ବନ୍ତଲାରେ ୩୭, ପୁରୁଣାକୋଟରେ ୫, ତାଳଚେରରେ ୧୫୮, ଗୋପାଳପ୍ରସାଦରେ ୫, ବିକ୍ରମପୁରରେ ୩, ସମଲରେ ୨୧, ଆଠମଲ୍ଲିକରେ ୧୫, କିଶୋରନଗରରେ ୨୬, ଠାକୁରଗଡ଼ରେ ୧୨, ହଣ୍ଡପାରେ ୧୯, ପାଳଲହଡ଼ାରେ ୬, ଖମାରରେ ୩୫, କଣିହାଁରେ ୪୧, ରେଙ୍ଗାଳି ଥାନାର ୪୨ଟି ବନ୍ଧୁକ ମୋଟ ୭୯୩ଟି ପୁଲିସକୁ ହସ୍ତାନ୍ତର ହୋଇନାହିଁ। ଅନ୍ୟପଟେ କୋଲିୟରି, ଏନଟିପିସି ଏବଂ କିଆକଟା ଥାନା ଅଧୀନରେ ଥିବା ସମସ୍ତ ଲାଇସେନ୍ସପ୍ରାପ୍ତ ବନ୍ଧୁକ ପୁଲିସକୁ ହସ୍ତାନ୍ତର ହୋଇଛି। ବାକି ଯେଉଁମାନେ ବନ୍ଧୁକ ରଖିଛନ୍ତି, ସେମାନେ ଖୁବ ଶୀଘ୍ର ନିର୍ବାଚନ ପୂର୍ବରୁ ପୋଲିସକୁ ହସ୍ତାନ୍ତର କରିବେ ବୋଲି ସୂଚନା ମିଳିଛି।

